ଚଣ୍ଡାଶୋକ



ନରସିଂହ ମିଶ୍ର

Digitized by srujanika@gmail.com

ଚଣ୍ଡାଶୋକ



ଶ୍ରୀ ନରସିଂହ ମିଶ୍ର

Digitized by srujanika@gmail.com

ଚଣ୍ଡାଶୋକ

ଲେଖକ
ଶ୍ରୀ ନରସିଂହ ମିଶ୍ର

ପ୍ରକାଶକ
ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩୦୦୧

ମୂଲ୍ୟ
ସାତ ଟଙ୍କା

ପ୍ରଥମ ପ୍ରକାଶ
୧୯୮୩

ପ୍ରଚ୍ଛଦଶିଳ୍ପୀ
ଶ୍ରୀ ଅସିତ୍ ମୁଖାର୍ଜୀ
ଶିଳ୍ପରୂପମ୍
ଛଦାଶ୍ରୀବାଗ, କଟକ-୭୫୩ ୦୦୨

ମୁଦ୍ରାକର
ଶ୍ରୀ ଗୋପୀନାଥ ସାହୁ
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩୦୦୧

Digitized by srujanika@gmail.com

ପୂର୍ବାଭାଷ

"ସାହିତ୍ୟ ଇତିହାସ ନୁହେଁ" ହଡ୍‌ସନ୍‌ଙ୍କ ଏହି ଉକ୍ତି ଯଥାର୍ଥରେ ସତ୍ୟ । ଇତିହାସର ଉପାଦାନରେ ସାହିତ୍ୟ ସୃଷ୍ଟି କରା-ଯାଇପାରେ କିନ୍ତୁ ସାହିତ୍ୟର ଉପାଦାନରେ ଇତିହାସ ସୃଷ୍ଟି କରାଗଲେ ସତ୍ୟର ଅପଳାପ ହୁଏ । "କିଂବଦନ୍ତୀ ମଧ୍ୟ ଇତିହାସ ନୁହେଁ" କିନ୍ତୁ ଏଥିରେ ଯେ ଇତିହାସର ଉପସ୍ତର ଲୁକ୍କାୟିତ ଭାବରେ ଥାଏ, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ଅଶୋକଙ୍କ ଚରିତ୍ରରେ କିଂବଦନ୍ତୀ ତଥା ଇତିହାସର ଅପୂର୍ବ ମିଳନ ହୋଇଛି । ଇତିହାସ ଯେଉଁଠାରେ ସତ୍ୟ ତଥା ତଥ୍ୟ ପରି-ବେଷଣରେ ନୀରବ ହୋଇଛି, କିଂବଦନ୍ତୀ ସେଠାରେ ପାଠକର ରୁଚିଳ ମନକୁ ରସାଳ ତଥ୍ୟ ଯୋଗାଇଛି ।

କଥିତ ଅଛି, ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ-ଥିଲେ । ଐତିହାସିକ କଳିଙ୍ଗଯୁଦ୍ଧର ବିଭୀଷିକା ତାଙ୍କର ପ୍ରଚଣ୍ଡତାକୁ ପ୍ରଶମନ କରିଥିଲା । ଏହି ଉକ୍ତିରେ ଇତିହାସ ଓ କିଂବଦନ୍ତୀର ମିଶ୍ରଣର ସ୍ପଷ୍ଟ ପ୍ରତିଫଳିତ ।

ଯେଉଁ କଳିଙ୍ଗଯୁଦ୍ଧ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କଲା ତାର ପ୍ରାମାଣିକ ବର୍ଣ୍ଣନା କୌଣସିଠାରୁ ମିଳୁନାହିଁ । କଳିଙ୍ଗଯୁଦ୍ଧ କଳିଙ୍ଗର କେଉଁ ନରପତିଙ୍କ ସମୟରେ ସଂଘଟିତ ହୋଇଥିଲା, ସେତେବେଳେ କଳିଙ୍ଗର ପ୍ରକୃତ ସୀମା କେଉଁଠାରୁ କେଉଁ ପର୍ଯ୍ୟନ୍ତ ଥିଲା, ତାର ଲୋକ ସଂଖ୍ୟା କେତେ ଥିଲା, କଳିଙ୍ଗର ତଦାନୀନ୍ତନ ସାମାଜିକ ଅବସ୍ଥା, ସାମରିକ ସ୍ଥିତି, ଜନ-ଜୀବନ ଚିତ୍ରଉପରେ ଐତିହାସିକ ସତ୍ୟ ଏପର୍ଯ୍ୟନ୍ତ ଉଦ୍‌ଘାଟିତ ହୋଇନାହିଁ । ଉତ୍କଳର ରାଜମହିଷୀ କାରୁବାକୀ କିଏ, ତାଙ୍କର ସ୍ୱାମୀ କିଏ, କଳିଙ୍ଗ ଯୁଦ୍ଧରେ ତାଙ୍କର କିଛି ଅବଦାନ ଥିଲା କି ନାହିଁ, ଇତିହାସ ସେ ଦିଗରେ ନୀରବ ।

Digitized by srujanika@gmail.com

ମୋର ଏହି ଚଣ୍ଡାଶୋକ ଏକାଙ୍କିକା ନାଟକଟି ମୁଖ୍ୟତଃ କିଂବଦନ୍ତୀ ଉପରେ ଆଧାରିତ । ଏହା କଳ୍ପନା, କିଂବଦନ୍ତୀ, ଇତିହାସ ଓ ସାହିତ୍ୟର ସମବାୟରେ ରଚିତ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡକ୍ଟର ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସ (ଇଂରାଜୀ), W. W. Hunterଙ୍କ History of Orissa, ପୁରୀ ଜିଲ୍ଲାର ଗେଜେଟିଅର, ମାଦଳାପାଞ୍ଜି, ଇତିହାସ ଓ କିଂବଦନ୍ତୀ ପ୍ରଭୃତି ପୁସ୍ତକର ସହାୟତା ନିଆଯାଇଛି । ଡକ୍ଟର ମନ୍ମଥନାଥ ଦାସଙ୍କ ଶକ୍ତିଶାଳୀ ଐତିହାସିକ ଉପନ୍ୟାସ "ସମୁଦ୍ର ସାଗରଗର୍ଭରେ" ଓ ଭାରତ ସରକାରଙ୍କଦ୍ୱାରା ପ୍ରକାଶିତ "ଭାରତ ଗୌରବ" ପୁସ୍ତକ ମୋତେ ପ୍ରଭାବିତ କରିଛି ।

କିଂବଦନ୍ତୀର ଗତାନୁଗତିକତାରୁ ମୁଁ ଦୂରେଇ ଯାଇନାହିଁ । ଚଣ୍ଡାଶୋକ ଯେପରି ପ୍ରଚଣ୍ଡ ହୋଇଛନ୍ତି, ଧର୍ମାଶୋକ ସେପରି ଧର୍ମବିଚାର ହୋଇଛନ୍ତି । ଅଶୋକଙ୍କପରି ମହାପ୍ରାଣ, ଗମ୍ଭୀରପ୍ରାଣ ତଥା ବିରଳ ବ୍ୟକ୍ତିତ୍ୱସମ୍ପନ୍ନ ସମ୍ରାଟଙ୍କ ଚରିତ୍ରରେ ଚଣ୍ଡତ୍ୱର ଆରୋପଣକୁ ବହୁ ସହୃଦୟ ପାଠକ ସହ୍ୟ କରିପାରନ୍ତି ନାହିଁ । ତାଙ୍କ ମତରେ କବି, ସାହିତ୍ୟିକମାନେ ବାବଦୂକ, ତିଳକୁ ତାଳ କରିବା ସେମାନଙ୍କର ବୃତ୍ତି । ଅଶୋକଙ୍କ ଚରିତ୍ରରେ ଚମକ ସୃଷ୍ଟି କରିବାପାଇଁ ଏହା ଏକ ସାହିତ୍ୟିକ କୌଶଳ । ଲେଖକ ଅପେକ୍ଷା ମନନଶୀଳ ପାଠକ ବଡ଼ । ସେମାନଙ୍କ ଉକ୍ତିରେ ଯଦି ସତ୍ୟତା ପ୍ରମାଣିତ ହୋଇଥାଏ ତାହେଲେ ଏପ୍ରକାର ସାହିତ୍ୟିକ ଉଦ୍‌ବର୍ତ୍ତନ ସମୀଚୀନ ନୁହେଁ । ମୁଁ ସୁସ୍ଥ ସମାଲୋଚନାର ଶରବ୍ୟ ହେଲେ ଆତ୍ମସନ୍ତୋଷ ଲାଭ କରିବି ।

'ଚଣ୍ଡାଶୋକ' ନାଟିକାଟିକୁ ରୂପ ଦେବାପାଇଁ ମୋର ବନ୍ଧୁ ଶିଳ୍ପୀ ଶ୍ରୀଯୁକ୍ତ ଦୁର୍ଗାଚରଣ ପଣ୍ଡା ପ୍ରୋତ୍ସାହିତ କରିଥିବାରୁ ମୁଁ ତାଙ୍କଠାରେ ଋଣୀ । ସାହିତ୍ୟିକ ବନ୍ଧୁ ଶ୍ରୀଯୁକ୍ତ ଭଗୀରଥି ନେପାକ ପାଣ୍ଡୁଲିପିଟି ଆମୂଳଚୂଳ ପାଠ କରି ପରିବର୍ତ୍ତନ, ପରିବର୍ଦ୍ଧନ ଓ ପରିମାର୍ଜନର ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ବସ୍ତ୍ରଭୂଷା ସମବାୟ ପ୍ରକାଶନ ସଂସ୍ଥା ଏହାର ପ୍ରକାଶନ ଦାୟିତ୍ୱ ବହନ କରିଥିବାରୁ ମୁଁ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଉଛି ।

ଦଶହରା
୧୬ । ୧୦ । ୮୩

ଲେଖକ

Digitized by srujanika@gmail.com

ପାତ୍ରସୂଚୀ

ପୁରୁଷ

- ସମ୍ରାଟ
  ଅଶୋକ
- ରଣଧୀର
  ଅଶୋକଙ୍କ ବିଶ୍ୱସ୍ତ ସେନାପତି
- ରାଧାଗୁପ୍ତ
  ଅଶୋକଙ୍କର କୂଟନୀ ମନ୍ତ୍ରୀ
- ଉପଗୁପ୍ତ
  ଅଶୋକଙ୍କ ହୃଦୟ
  ପରିବର୍ତ୍ତନକାରୀ ବୌଦ୍ଧ ଭିକ୍ଷୁ
- ଦୂତ
- ମହେନ୍ଦ୍ର
  ଅଶୋକଙ୍କ ଶିଶୁପୁତ୍ର
- ସୁଷୀମ
  ବିନ୍ଦୁସାରଙ୍କର ଜ୍ୟେଷ୍ଠପୁତ୍ର
- ବିନ୍ଦୁସାର
  ଅଶୋକଙ୍କ ପିତା
- ସେନାପତି (ମୌର୍ଯ୍ୟ) ସେନାପତି (କଳିଙ୍ଗ)
- ବୌଦ୍ଧଭିକ୍ଷୁ, ଉତ୍କଳର ବୌଦ୍ଧଭିକ୍ଷୁ
  ମଧୁ, ରାମ, ଗୋପ ପ୍ରଭୃତି
  ଉଆସର ପରିଚାରକ ବୃନ୍ଦ
  ରଣକ୍ଷେତ୍ରର ସୈନିକ ବୃନ୍ଦ

ସ୍ତ୍ରୀ

- ବିଦିଶା ଦେବୀ
  ଉଜ୍ଜୟିନୀର ଶ୍ରେଷ୍ଠୀ କନ୍ୟା
  ପରେ ସମ୍ରାଟ ଅଶୋକଙ୍କର
  ବିବାହିତା ଧର୍ମପତ୍ନୀ । ମହେନ୍ଦ୍ର ଓ
  ସଂଘମିତ୍ରାଙ୍କ ଜନନୀ
- କାରୁବାକୀ
  କଳିଙ୍ଗର ଏକ କୈବର୍ତ୍ତ କନ୍ୟା
  ପରେ କଳିଙ୍ଗ କୁମାରଙ୍କର ରାଜମହିଷୀ
- ନର୍ତ୍ତକୀ
  ପାଟଳିପୁତ୍ର ରାଜପ୍ରାସାଦର ନର୍ତ୍ତକୀ

Digitized by srujanika@gmail.com

ମଞ୍ଚମାୟା

ଉଜ୍ଜୟିନୀର ରାଜପ୍ରାସାଦ । ଅଶୋକ ନିଦ୍ରାମଗ୍ନ । ନୟନରେ ଭାସେ ସୁଖ ସ୍ୱପ୍ନର ପଣ୍ଟଆର; ନୀଳ ଗଗନରେ ଶୁଭ୍ର ବାଦଲ ଭେଳାର ପଣ୍ଟଆରପଣ । ମଞ୍ଚ ଛାୟାବୃତ୍ତ ଅନ୍ଧକାର । ପର୍ଦ୍ଦାରେ ଫୁଟି ଉଠୁଛି ସ୍ୱପ୍ନର ଆଲେକ ଛବି । ପ୍ରଚ୍ଛଦପଟରୁ ସ୍ୱର-ସମାବେଶ ।

ସ୍ୱପ୍ନ :

ଯୁଦ୍ଧଭେରୀ ଶୁଣାଯାଉଛି । ଖଡ୍‌ଗଝନଝନାର ଝଣତ୍କାର । ଅଶୋକ କିଛିଲେଉଟାଇ ସ୍ୱପ୍ନଭିତରେ ଚିତ୍କାର କରୁଛନ୍ତି । ହଠାତ୍ ସବୁ ଶବ୍ଦ ବନ୍ଦ ହୋଇଗଲା ।

ସିଂହାସନରେ ଉପବିଷ୍ଟ ଅଶୋକ । ସମ୍ମୁଖରେ ନର୍ତ୍ତକୀ ଉନ୍ମାଦଭରା ନୃତ୍ୟ ପରିବେଷଣ କରୁଛି । ଅଶୋକ ଆନନ୍ଦଭରା ଏକ ଅଟ୍ଟହାସ ଛାଡ଼ୁଛନ୍ତି ସ୍ୱପ୍ନଭିତରେ । ନର୍ତ୍ତକୀର ଛାୟାମୂର୍ତ୍ତି ମଞ୍ଚରୁ ଅପସରି ଯାଉଛି ।

ସ୍ୱର—"ମୁଁ ଆଶୀର୍ବାଦ ଦେଉଛି ବାପା, ରାଜଲକ୍ଷ୍ମୀ ତୋର ମଙ୍ଗଳ କରିବେ । ସମ୍ରାଟ ବିନ୍ଦୁସାରଙ୍କର ଚିରଦିନ ଅବହେଳା ଭୋଗିଥିବା ବନ୍ଦିନୀ ମା ତୋର ସେବାରୁ ବଞ୍ଚିତା ଥିଲା । ଭଗବାନ ଆଜ ସେ ସୁଯୋଗ ତାଙ୍କୁ ଫେରାଇ ଦେଲେ । ତା ପ୍ରାର୍ଥନା ସଫଳ ହେଉ ।"

ଅଶୋକ—(ସ୍ୱପ୍ନରୁ ଉଠି ଚିତ୍କାର କରି) ନିଶ୍ଚୟ ସେ ସ୍ୱପ୍ନ ସାର୍ଥକ ହେବ ମା, ସାର୍ଥକ ହେବ । ମାତୃ ଆଶୀର୍ବାଦ ବ୍ୟର୍ଥ ହୁଏନା । ମୋର ମା'ଙ୍କ ପ୍ରତି ସମ୍ରାଟ ବିନ୍ଦୁସାର ଯେଉଁ ଦୁର୍ବ୍ୟବହାର ଦେଖାଇଛନ୍ତି ଅଶୋକ ତାଙ୍କୁ ସେଥିପାଇଁ କ୍ଷମା ଦେବନି । ମାତୃ ଅପମାନ ଅସହ୍ୟ ··ଅସହ୍ୟ ·· । ଏ ଅପମାନପାଇଁ ଅଶୋକକୁ ମୌର୍ଯ୍ୟ ସିଂହାସନ ମୂଲ୍ୟ ଦେବାକୁ ପଡ଼ିବ । ହାଃ·· ହାଃ···ହାଃ ।

ମଞ୍ଚ ସମ୍ପୂର୍ଣ୍ଣ ଭାବରେ ଅନ୍ଧକାର ହେଲା । ତାପରେ ଦୃଶ୍ୟ ଆରମ୍ଭ ହେଲା ।

Digitized by srujanika@gmail.com

ପ୍ରଥମ ଦୃଶ୍ୟ

[ଉଜ୍ଜୟିନୀର ରାଜପ୍ରାସାଦ । କୁମାର ଅଶୋକ ଉପବିଷ୍ଟ, ନିକଟରେ ଜଣେ ଅତି ବିଶ୍ୱସ୍ତ ସେନାପତି, "ରଣବୀର" । ଉଭୟଙ୍କ ମଧ୍ୟରେ ଗୁପ୍ତ ପରାମର୍ଶ ଚାଲିଛି ।]

ଅଶୋକ—ରଣବୀର ! ଚମତ୍କାର ତୁମର ପରାମର୍ଶ । ମୁଁ ଜାଣେ, ତୁମର ବ୍ୟକ୍ତିତ୍ୱରେ ଚମକ ଅଛି । ତୁମ ଇଙ୍ଗିତରେ ଗୋଟାଏ ଉଚ୍ଛ୍ୱସିତ ଉନ୍ମାଦନା ଅଛି ।

ରଣବୀର—ଅଂଶୁମାନ ଅଶୋକ ! ବିଶାଳ ମଗଧ ସାମ୍ରାଜ୍ୟର ମଉଡ଼ମଣି । ମୌର୍ଯ୍ୟ ସାମ୍ରାଜ୍ୟର ଭାବୀ ସମ୍ରାଟ । ଧୃଷ୍ଟତା ମାଫ୍ କରନ୍ତୁ । ଅଧମର ଏ ବ୍ୟକ୍ତିତ୍ୱରେ ଯଦି ଅସ୍ପୃଶ୍ୟତା ନ ଥାଏ ତେବେ ମଣିମାଙ୍କର ସେବାପାଇଁ ଉତ୍ସର୍ଗୀକୃତ ।

ଅଶୋକ—ସାଧୁ···ସାଧୁ···ରଣବୀର ! ସେ ବିଶ୍ୱାସ ମୋର ଅଛି ।

ରଣବୀର—କୁମାର ! ସେ ସ୍ୱପ୍ନଟା ମୋତେ ସବୁଦା ଉନ୍ମାଦିତ କରୁଛି । ସ୍ୱପ୍ନ କଣ ମଣିଷର ସତ ହୁଏ ?

ଅଶୋକ—କେଉଁ ସ୍ୱପ୍ନ ଭୂମଣ୍ଡଳରେ ଶତ-ଶୃଙ୍ଖଳା ସୃଷ୍ଟି କରିଛି ରଣବୀର ?

ରଣବୀର—କୁମାରଙ୍କୁ ଭାବୀ ସମ୍ରାଟ ଭାବରେ ଦେଖିବାର ସ୍ୱପ୍ନ ।

ଅଶୋକ—ହାଃ···ହାଃ···ହାଃ···ରଣବୀର ! ସେଇଟା ମୋର ବି ସ୍ୱପ୍ନ-ସଙ୍ଗୀତ, ତୁମେ ତାକୁ ସ୍ୱର ଦେଇଛ ବନ୍ଧୁ । ସ୍ୱପ୍ନ ସତ୍ୟ ହୁଏ ନା ନାହିଁ, ତା ଉପରେ ମନ୍ତବ୍ୟ ଦେବାର ମୋର କିଛି ନାହିଁ, କିନ୍ତୁ "ସ୍ୱପ୍ନ ଏକ ନଦୀ" ।

ରଣବୀର—ନିଶ୍ଚୟ, ସଙ୍ଗୀତ ତା'ର ଶଯ୍ୟା । ସାର୍ଥକତାର ସାଗର-ସଙ୍ଗମ ନିଶ୍ଚୟ ହେବ କୁମାର ।

ଅଶୋକ—ମୋର ମତ, "ଜ୍ୟେଷ୍ଠର ଅର୍ଥ ଶ୍ରେଷ୍ଠ ନୁହେଁ । ଜ୍ୟେଷ୍ଠତା ଶ୍ରେଷ୍ଠତା ନୁହେଁ, ରାଜଧର୍ମରେ ଜ୍ୟେଷ୍ଠବୃତ୍ତି ଏକ କଦର୍ଯ୍ୟ ପରମ୍ପରା । ସିଂହାସନ ଶ୍ରେଷ୍ଠପାଇଁ, ଜ୍ୟେଷ୍ଠପାଇଁ ନୁହେଁ ।"

Digitized by srujanika@gmail.com

ରଣଧୀର—ତାହାହିଁ ମୋ ସ୍ୱପ୍ନର ମୂଳଦୁଆ କୁମାର । ଆପଣଙ୍କପାଇଁ ସିଂହାସନ ଅପେକ୍ଷା କରି ରହିଛି, ତେବେ ଆଜି ଗୋଟାଏ ସ୍ୱପ୍ନ ସେଥିରୁ ଶାଖା ମେଲିଛି ।

ଅଶୋକ—ମନ-ମାଟିରେ ସ୍ୱପ୍ନ ଥରେ ଅଙ୍କୁରିତ ହେଲେ ତାହା ପଲ୍ଲବିତ ହେବାକୁ ବେଶି ସମୟ ଲାଗେନା । ଶାଖା ପ୍ରଶାଖା ଡେଣା ମେଲିବାକୁ ଆଗେଇ ଆସନ୍ତି । ଆଚ୍ଛା, କୁହ ରଣଧୀର, ସଙ୍କୋଚ କାହିଁକି ?

ରଣଧୀର—ସେ ସ୍ୱପ୍ନଟା ସିଦ୍ଧାର ସୃଷ୍ଟି କରୁଛି କୁମାର ।

ଅଶୋକ—ତାହାହିଁ ସ୍ୱପ୍ନର ଧର୍ମ । ସିଦ୍ଧାରଭିତରୁ ଚିନ୍ତାରର ସୃଷ୍ଟି । ଚିନ୍ତାର କର୍ମ ପ୍ରବଣତାର ଜନନୀ । କୁହ...... ।

ରଣଧୀର—ଏ ଅଧମ ସେନାପତିକୁ ଆପଣ ଭୁଲ ବୁଝିବେ ନାହିଁ ତ ?

ଅଶୋକ—ଭୁଲ ବୁଝାମଣାପାଇଁ ତ ରାଜନୀତି ବଂଚିଛି, ନହୁବା କେଉଁ ଅନାଦି-କାଳରୁ ତାହା ଭୂଷୁଡ଼ି ପଡ଼ନ୍ତାଣି । ଭୁଲପାଇଁ ଏତେ ଡରି ଯାଉଛନ୍ତି କାହିଁକି ? ଅନେକ ସମୟରେ ଗୋଟାଏ ଗୋଟାଏ ଭୁଲ ଇତିହାସ ସୃଷ୍ଟି କରେ ।

ରଣଧୀର—ମୁଁ ସେଇପରି ଏକ ମହାନ୍ ଭୁଲ୍ କଥା କହିବାକୁ ଯାଉଛି । "ବିଦିଶା"ର ଗୌରବ ରକ୍ଷା କରିବାକୁ ହେବ କୁମାର ।

ଅଶୋକ—ହିଁ, ତାହାହିଁ ମୁଁ ଗଭୀର ଭାବରେ ଚିନ୍ତା କରିଛି । ମୋ ମତରେ ଯାହା ପାଖରେ ରାଜକୀୟ ନାରୀତ୍ୱ ଅଛି ସିଏ ହି "ରାଣୀ" । ଯେଉଁ ବାଳିକା ପାଖରେ ରାଜକୀୟ ନାରୀତ୍ୱର ଭାବୀ ସୂଚନା ପ୍ରକାଶିତ ହୁଏ ସିଏ ହି ରାଜକନ୍ୟା । ଶ୍ରେଷ୍ଠୀ କନ୍ୟା "ଦେବୀ" ନିଶ୍ଚୟ ରାଜକନ୍ୟା, ରାଜଭୋଗ୍ୟା । ଆଚ୍ଛା, ପ୍ରଜାମାନଙ୍କ ମଧ୍ୟରେ କିଛି ପ୍ରତିକ୍ରିୟା ପ୍ରକାଶ ପାଇଛି କି ରଣଧୀର ?

ରଣଧୀର—ପ୍ରତିକ୍ରିୟା ନୁହେଁ କୁମାର, ଆଶଙ୍କା । ଦେବୀ ଅପରୂପା କୋମଳତାର ଜ୍ୟୋତ୍ସ୍ନିମ ଚନ୍ଦ୍ରମା, ସରଳତାର ଶୁଚି; ଶୁଭ୍ର ସମାବେଶ କିନ୍ତୁ ସାଧାରଣ ଏକ ପାଳିତ ପ୍ରଜାର ଧନ ଦୁଲାଳୀ ।

ଅଶୋକ—ଓଃ···ଆଶଙ୍କା ଏଇଥିପାଇଁ ? ସମ୍ଭବତଃ ସୂଚନା ତ ଦେଇ ସାରିଛି ବନ୍ଧୁ । ଅଶୋକର ପ୍ରଚଣ୍ଡତାକୁ ଗ୍ରାସକରି ତା'ର ହୃଦୟକୁ ଯେ ଜୟ କରିପାରିଛି, ତା'ଠାରୁ ଆଉ କେହି ଅଧିକ ଶ୍ରେଷ୍ଠ

Digitized by srujanika@gmail.com

ହୋଇପାରେ କି ? "ଦେବୀ" ଦେବୀର ସ୍ଥାନ ଅଧିକାର କରିବ । ସେ ମଙ୍ଗଳ ମୁହୂର୍ତ୍ତକୁ ଅପେକ୍ଷା କର ରଣବୀର ।

ରଣବୀର—ମଗଧର ଭାବୀ ସମ୍ରାଟ ମହାମହିମ କୁମାର ଅଶୋକଙ୍କର ଜୟ ହେଉ ।

ଅଶୋକ—ବନ୍ଧୁ ରଣବୀରଙ୍କର ଜୟ । ସତରେ ବନ୍ଧୁ, "ଦେବୀ" ଅନିନ୍ଦ୍ୟ ସୁନ୍ଦରୀ । ତା' ନୟନର ତରଳ ସ୍ନହାଣୀ ମୋର ସମସ୍ତ ରୁକ୍ଷତାକୁ କ୍ଷଣେ କ୍ଷଣେ ମମତାମୟ କରିଛି । ମୋର କଦାକାର ରୂପରେ ରୂପଶ୍ରୀ ଭରି ଦେଇଛି ।

ରଣବୀର—କିଏ କହିଲା ଆପଣଙ୍କୁ କଦାକାର ବୋଲି । ଦୃଷ୍ଟିର ଦକ୍ଷତା ଉପରେ ରୂପର ଅନୁଭୂତି ନିର୍ଭର କରେ । ଦେବୀ ଦେବଭୋଗ୍ୟା, କୁମାର ଅଶୋକ ଦେବପ୍ରତିମ ।

ଅଶୋକ—ଚମତ୍କାର ବନ୍ଧୁ, ଚମତ୍କାର ତମର ପରିକଳ୍ପନା । ଅଭିଳାଷ ଅଭିନନ୍ଦନୀୟ ।

ରଣବୀର—ଆଜି ଏକ ଅଭିଳାଷ ଏ ସାମାନ୍ୟ ସେନାପତିର ବକ୍ଷରଯୋଗ୍ୟ କି ନୁହେଁ ଜାଣେନା କୁମାର ! ତେବେ...... ।

ଅଶୋକ—ଅଭିଳାଷ ଅବ୍ୟକ୍ତ ରହେନା, ପ୍ରକାଶ କର ।

ରଣବୀର—ମୌର୍ଯ୍ୟ ସାମ୍ରାଜ୍ୟ ତୁଳନାରେ କଳିଙ୍ଗ ଏକ କ୍ଷୁଦ୍ର ସାମ୍ରାଜ୍ୟ ମାତ୍ର । ତା'ର ପରାକ୍ରମକୁ ଅତିକ୍ରମ କରିବା ଶକ୍ତି ମୌର୍ଯ୍ୟ ସମ୍ରାଟଙ୍କର ଅଛି । କିନ୍ତୁ ମୁଁ ବିସ୍ମିତ ହେଉଛି, ସେ ତାହା ସ୍ପୃହା ନାହାନ୍ତି କାହିଁକି ? ମୋର ଧାରଣା, ଦିଗ୍ବିଜୟୀ, ଅରିକୁଳ ବିମର୍ଦ୍ଦକ ଭାବୀ ସମ୍ରାଟ କୁମାର ଅଶୋକଙ୍କପାଇଁ ଏହା ଏକ ଆହ୍ୱାନ ।

ଅଶୋକ—ଭାବୀ ସମ୍ରାଟ ବୋଲି କହି ବାରମ୍ବାର ଲଜ୍ଜା ଦିଅନି ବନ୍ଧୁ । ମୋତେ କଣ ଯେ ପ୍ରତିଶ୍ରୁତି ବନ୍ଧୁମାନଙ୍କଠାରୁ ମିଳିବ, ମଗଧ ରାଜସିଂହାସନ ଲାଭର ଚରମ ପ୍ରତିଶ୍ରୁତି ।

ରଣବୀର—ବଚନ ସର୍ବସ୍ୱ ପ୍ରତିଶ୍ରୁତି ବଚନ ବ୍ୟୁହଭିତରେ ରହିଯାଏ କୁମାର—ବିଶେଷତଃ କ୍ଷମତା କ୍ଷେତ୍ରରେ । ପ୍ରତିଜ୍ଞା କରୁଛି, ଲକ୍ଷ୍ୟପୂରଣପାଇଁ ଜୀବନ ଉତ୍ସର୍ଗ କରିବି ।

ଅଶୋକ—ଅଭିନନ୍ଦନୀୟ । ପ୍ରତିଜ୍ଞାରେ ପ୍ରାଣର ନିବିଡ଼ତା ଥାଏ କିନ୍ତୁ ପ୍ରତିଶ୍ରୁତିରେ ଚଳାୟୁନର ପ୍ରବଣତା ଅଧିକ । ଶୁଣିଛି, କଳିଙ୍ଗ ବୀରପ୍ରସବିନୀ ।

Digitized by srujanika@gmail.com

ରଣଧୀର—କଳା କୁଶଳୀ ମଧ୍ୟ ।

ଅଶୋକ—ସୌଭାଗ୍ୟଶାଳୀ କଳିଙ୍ଗ । ସଂଯମ, ସଂଭବ, କଳା, କୌଣସିଥିରେ ତା'ର ଅଭାବ ନାହିଁ ।

ରଣଧୀର—ସୁନ୍ଦରୀ କାରୁବାକୀ ନାଁ ଶୁଣିଛନ୍ତି କୁମାର ?

ଅଶୋକ—କାରୁବାକୀ ? କା···ରୁ···ବା···କୀ, କି ଚମତ୍କାର ନାଁ ! ନାମକରଣରେ କଳାକୁଶଳତା ଭରି ରହିଛି ।

ରଣଧୀର— ଶୁଣିଛି, କଳିଙ୍ଗ ବଣିକମାନଙ୍କଠାରୁ—"କଳିଙ୍ଗର ରାଜମହିଷୀ ଅନିନ୍ଦ୍ୟ ସୁନ୍ଦରୀ, କାରୁବାକୀ । ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ସୁଗୁଣର ଏକ ଶାନ୍ତ ବାରିଧି । ତେଜସ୍ୱିନୀ ବୀରରମଣୀ ମଧ୍ୟ । ଉତ୍କଳର ବୀର ରମଣୀମାନଙ୍କର ପ୍ରତିନିଧି । ମମତାର ମନ୍ଦାକିନୀ କାରୁବାକୀ ।"

ଅଶୋକ—ହିଁ···ହିଁ··· ମୁଁ ବି ଶୁଣିଛି ଅପୂର୍ବ ରୂପସୀ କାରୁବାକୀର କାହାଣୀ । କୈବର୍ତ୍ତକନ୍ୟା କାରୁବାକୀ ନିଜର ଗୌରବ ନେଇ କଳିଙ୍ଗର ରାଜମହିଷୀ ହେବାର ସୁଯୋଗ ଲାଭ କରିଛନ୍ତି । ତାଙ୍କର ଏକ ପ୍ରତିକୃତି ଦେଖିବାର ସୁଯୋଗ ମୋତେ ଦିନେ ମିଳିଥିଲା ବନ୍ଧୁ । ସେତେବେଳେ ମୁଁ ବିଭୋର ହୋଇଥିଲି ।

ରଣଧୀର—କୁମାର ! କାରୁବାକୀର କାହାଣୀ କଳିଙ୍ଗର କାହାଣୀ । କଳିଙ୍ଗ ଜୟ କରିପାଇପାରିଲେ····।

ଅଶୋକ—ରୂପସୀ କାରୁବାକୀ ବିଶାଳ ମଗଧର ଏକ କଳାମୟୀ ଶ୍ରୀରେ ପରିଣତ ହୁଅନ୍ତେ, ନୁହେଁ ·· ?

ରଣଧୀର—ହିଁ କୁମାର ! ଆଖି ଆଗରେ ଭାସିଯାଉଛି ଆଗାମୀ ଦିନର ସ୍ୱର୍ଣ୍ଣ-ସମ୍ଭାର, ଚରମ ସଫଳତାର ପରମ ପରିତୋଷ । କୁମାର ଅଶୋକ ମୌର୍ଯ୍ୟ ସିଂହାସନ ଲାଭ କରିଥିବେ, ଯୋଗ୍ୟତାର ପୁରସ୍କାର ମିଳିସାରିଥିବ । "ଦେବୀ"ଙ୍କ କରସ୍ପର୍ଶରେ ଭାରତ ଦେବଭୂମିରେ ପରିଣତ ହୋଇଥିବ । କଳାମୟୀ କାରୁବାକୀ ସମ୍ରାଟ ଅଶୋକଙ୍କ ହୃଦୟ ସିନ୍ଧୁରେ ଶ୍ରଦ୍ଧାମୟୀ ସରିତାପରି ମିଶି ସାରିଥିବେ । ଏ ସ୍ୱପ୍ନରେ ଅସଙ୍ଗତି ଥିଲେ ମାଫ୍ କରିବେ କୁମାର ।

ଅଶୋକ—ରଣଧୀର ! ତୁମେ ସେନାପତି ନୁହଁ···ମୋର ପ୍ରାଣସଖା ରଣଧୀର । ଏ ସ୍ୱପ୍ନ ଅବଶ୍ୟ ସାର୍ଥକ ହେବ । କିନ୍ତୁ ପିତାଙ୍କର ଇଚ୍ଛା, "ଯୁବରାଜ

Digitized by srujanika@gmail.com

ସୁପ୍ରୀମ ରାଜସିଂହାସନ ଲାଭ କରିବେ । ପରମ୍ପରାକ୍ରମ ଭଙ୍ଗ ହେବ ନାହିଁ ।" ଏହା ସତ ହୁଏ, କଳଙ୍ଗ ଜୟ କରିବାର ସ୍ୱପ୍ନ ସ୍ୱପ୍ନରେ ରହିଯିବ ରଣବୀର ।

ରଣବୀର—ଏ ......ସ୍ୱପ୍ନ ସ୍ୱପ୍ନରେ ରହିଯିବ ! ତାହା କୁହନ୍ତୁ ନାହିଁ କୁମାର ।
କଳଙ୍ଗ ବିଜୟ ଏକ ରଣରଙ୍କ ଦୁର୍ଦ୍ଧର୍ଷ ଜାତି ବିଜୟ ।
କଳଙ୍ଗ ବିଜୟ ମର୍ତ୍ତ୍ୟର ମେନକା କାରୁବାକୀ ବିଜୟ ।
କଳଙ୍ଗ ବିଜୟ ଇତିହାସର ବିଜୟ ।

ଆପଣ......ଆପଣ ହିଁ
ଏଥିପାଇଁ ଏକମାତ୍ର ଯୋଗ୍ୟ । ଏ ପବିତ୍ର ଅଭିଳାଷ ନିଶ୍ଚୟ ପୂରଣ ହେବ କୁମାର ।

ଅଶୋକ—ସାଧୁ......ସାଧୁ ରଣବୀର ! ତମର ଏ ପ୍ରବୃଦ୍ଧ କାମନା ଆଜିଠାରୁ ମୋତେ ସିଦ୍ଧିଲାଭପର୍ଯ୍ୟନ୍ତ ଉନ୍ମାଦିତ କରି ରଖିବ । ଚାଲ....
ସମସ୍ତ ଅତିକ୍ଳାନ୍ତ ହେଉଛୁ ।

[ନେପଥ୍ୟରୁ ଏକ କରୁଣ ବଂଶୀସ୍ୱନ]

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

[ମଞ୍ଚବୁକୁରେ ଧଳାପର୍ଦ୍ଦା ଉପରେ ଅଙ୍କିତ ହେଲ
ଗୋଟିକ ପରେ ଗୋଟିଏ···]

* ଖ୍ରୀ. ପୂ. ୨୩୨
* ଘନ ବନାଣୀ, ପର୍ବତମାଳା, ଗିରିଗୁମ୍ଫା
* ମଠରମାଳା
* ଧ୍ୟାନମଗ୍ନ ତାପସ, ଜଟାଜୁଟ ସନ୍ନ୍ୟାସୀ

ଅନ୍ତରାଳରୁ ଶୁଣାଯାଉଥିଲ—

ପ୍ରଥମ ସ୍ୱର—

ଓଁ ଭୂ ର୍ଭୁ ବଃ ସ୍ୱଃ
ତ ତ୍ସ ବି ତୁ ର୍ବ ରେ ଣ୍ୟ ମ୍
ଭର୍ଗୋ ଦେବସ୍ୟ ଧୀମହି
ଧିୟୋ ଯୋ ନଃ ପ୍ରଚୋଦୟାତ୍ ।

ଦ୍ୱିତୀୟ ସ୍ୱର—

ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମ୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି

[ଛାୟାଛବି ଅନ୍ଧକାର ଅପସରି ଗଲା । ମଂଚ ଆଲୋକିତ ହେଲା । ଦେଖାଗଲା ଗୋଟିଏ ବୃକ୍ଷତଳରେ ମଣିଷଟିଏ ଛିଡ଼ା ହୋଇଛି । ଖୁବ୍ କରୁଣ ଭାବରେ ସେ ସ୍ୱରଆଡ଼କୁ ଚାହୁଁଛି । ବିକଟାଳ ତା'ର ମୁଖର ମୁଦ୍ରା । କିଛି ସମୟପରେ ସେ କମ୍ପିତ କଣ୍ଠରେ କହୁଛି]

ଲୋକ—ମୃତ୍ୟୁ ! ମୋର କାକୁତି ଶୁଣ । ମିନତି ରକ୍ଷାକର । ମୋତେ ତମ କୋଳକୁ ନିଅ ।

(ଏତିକବେଳେ ଜଣେ ପୀତବସ୍ତ୍ରଧାରୀ ବୌଦ୍ଧଭିକ୍ଷୁ ମଂଚଉପରକୁ ଆସିଛନ୍ତି, ସେ ଆଶୀର୍ବାଦ ମୁଦ୍ରାରେ କହୁଛନ୍ତି)

Digitized by srujanika@gmail.com

ବୌଦ୍ଧଭିକ୍ଷୁ—"ତରବାରିର ଜୟ ଜୟ ନୁହେଁ । ହେ ବନ୍ଧୁ, ତଥାଗତ ବୁଦ୍ଧଙ୍କୁ ସ୍ମରଣ କର । ସେ ତୁମକୁ ଶାନ୍ତିର ସଂଧାନ ଦେବେ । ମୃତ୍ୟୁ ଭିତରେ ତୁମକୁ ଅମୃତର ସଂଧାନ ମିଳିବ ।" (ଚକ୍ଷୁନିମିଳିତ କରି ଯୋଡ଼ହସ୍ତରେ) ହେ ପରମକାରୁଣିକ ଭଗବାନ ବୁଦ୍ଧ, ମଦାନ୍ଧ ମଣିଷକୁ ସୁବୁଦ୍ଧି ଦିଅ । ତା ଅନ୍ତରଭିତରୁ ଲୋଭ, ମୋହ, ମାୟା, ହିଂସା ଦୂର କର । ମାନବ ଅମୃତ ସନ୍ତାନ । ଅମୃତ ସଂଧାନରେ ତା ଜୀବନ ଜ୍ୟୋତିର୍ମୟ ହେଉ ।

[ଆସ୍ତେ ଆସ୍ତେ ଖଣ୍ଡଗଗୁଡ଼ିକ ଅପସରି ଗଲା । କୃଷ୍ଣମେଖଳା ମଳିନ ହୋଇଗଲା । ଲୋକଟିର ଯନ୍ତ୍ରଣାକାତର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇଗଲା । ସେ ଭାବ ତଦ୍‌ଗତ ହୋଇ ବଦ୍ଧହସ୍ତରେ ବୌଦ୍ଧମୂର୍ତ୍ତି-ଆଡ଼କୁ ଚାହିଁରହିଲା ।]

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ତୃତୀୟ ଦୃଶ୍ୟ

[ପର୍ଦ୍ଦା ଉଠିଲା । ଶୟନ କକ୍ଷରେ ସମ୍ରାଟ ବିନ୍ଦୁସାରଙ୍କ ରୋଗ ଶଯ୍ୟାରେ ମଧ୍ୟେ ମଧ୍ୟେ ବିକଳ ଚିତ୍କାର । ସାରା ଶରୀର ବସ୍ତ୍ରାବୃତ । ନିକଟରେ ପୁତ୍ର 'ସୁସୀମ' । ଅନ୍ୟମାନେ ପର୍ଦ୍ଦାର ବିପରୀତ ଦିଗରେ । ସେମାନଙ୍କର ଉପସ୍ଥିତି ଓ ପ୍ରତିକ୍ରିୟା ସ୍ପଷ୍ଟ ।]

ବିନ୍ଦୁସାର — (ଯନ୍ତ୍ରଣାପୂର୍ଣ୍ଣ କଣ୍ଠରେ) ଭାବୀ ସମ୍ରାଟ 'ସୁସୀମ', ଅଳ୍ପ ସମୟପରେ ତୁମେ ଏହି ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ସମ୍ରାଟରୂପେ ଅଭିଷିକ୍ତ ହେବ । ମୋର ଅନ୍ତିମ ଆଶୀର୍ବାଦ, ତୁମେ ଯଶସ୍ୱୀ ହୁଅ, ପ୍ରଜାନୁରଞ୍ଜନ ହିଁ ରାଜଧର୍ମ, ତୁମେ ତାହା ପାଳନ କର ।

ସୁସୀମ — ପିତଃ ! ଆପଣଙ୍କର ଆଦେଶ ପାଳନ ହିଁ ଏ ଅଧମ ସନ୍ତାନର ପବିତ୍ର କର୍ତ୍ତବ୍ୟ । ତାହାହିଁ ତା'ର ରାଜଧର୍ମ, ବିଶ୍ରାମ ନିଅନ୍ତୁ ।

ବିନ୍ଦୁସାର — ଚିରବିଶ୍ରାମ ତ ଖୁବ୍ ନିକଟରେ, ତା ପୂର୍ବରୁ ଅନ୍ତରର ନିଭୃତ କଥା କିଛି କହିଯିବାକୁ ଚାହୁଁଛି । ହିଁ....

ସୁସୀମ — ଏ ଅଧମ ସନ୍ତାନ ସେ ସୁଯୋଗ ପାଇଲେ ଆନନ୍ଦିତ ହେବ ।

ବିନ୍ଦୁସାର — ହଁ ଶୁଣ, ଅଶୋକ ଖୁବ୍ ଆତ୍ମାଭିମାନୀ, ତା ସହିତ ଶକ୍ତିର ସଂଘର୍ଷ କରିବନାହିଁ । ନୈତିକ ପ୍ରଭାବରେ ତା'ର ହୃଦୟକୁ ଜୟ କରିବ । ବିଭିନ୍ନ ସୁବାର ଶାସନ ସୁଯୋଗରୁ ଭାଇମାନଙ୍କୁ ବଂଚିତ କରିବନାହିଁ । ରାଜ୍ୟରେ ଶାନ୍ତି, ସତ୍ୟ, ଧର୍ମ ଓ ନ୍ୟାୟର ଶାସନ ପ୍ରତିଷ୍ଠା କରିବ ।

ସୁସୀମ — (କଂପିତ କଂଣ୍ଠରେ) ଆଶୀର୍ବାଦ କରନ୍ତୁ ପିତା । ଆପଣଙ୍କର ଅଭିଳାଷ ପୂର୍ଣ୍ଣ ହେଉ ।

ବିନ୍ଦୁସାର — (ଯନ୍ତ୍ରଣା କାତର ହୋଇ) ପାଣି, ପାଣି, ଆଃ....ଅସହ୍ୟ ଏ ଯନ୍ତ୍ରଣା । ମୃତ୍ୟୁ ! ତମେ ମୋତେ ତମର ଶାନ୍ତିମୟ କୋଳକୁ ନେଇଯାଅ ।

Digitized by srujanika@gmail.com

[ସୁସୀମ ଉଠିପଡ଼ିଲେ । ଟେବୁଲ ଉପରେ ଥିବା ଗ୍ଲାସଟାରେ ହାତବାଜ ତାହା ତଳେପଡ଼ି ଭାଙ୍ଗିଗଲା । ନେପଥ୍ୟରୁ ଭାସି ଆସିଲା ଏକ କରୁଣ ମୂର୍ଚ୍ଛନା । ମଂଚର ଯେଉଁ ଅଂଶରେ ବିନ୍ଦୁସାର ଶେଷ ଶଯ୍ୟାରେ ଥିଲେ ସେହି ଅଂଶ ଅନ୍ଧକାର ହୋଇଗଲା କିନ୍ତୁ ଅପର ଅଂଶ ଆଲୋକିତ ଥିଲା ।]

(ମଞ୍ଚବୁକୁରେ ପ୍ରବେଶ କଲେ ଅଶୋକ ଓ ରାଧାଗୁପ୍ତ)

ଅଶୋକ—(ଚୁପଚାପରେ) ପରିସ୍ଥିତି କଣ ?

ରାଧାଗୁପ୍ତ—ରାଜ୍ୟସାରା ସମ୍ବାଦ ଖେଳିଗଲାଣି । ବିଦ୍ରୋହ ଆରମ୍ଭ ହୋଇଯାଇଛି ।

ଅଶୋକ—ସୈନ୍ୟମାନଙ୍କର ସମ୍ବାଦ...... ?

ରାଧାଗୁପ୍ତ—ବିଦ୍ରୋହ ତ ସେଇମାନଙ୍କ ଭିତରେ । ମୌର୍ଯ୍ୟ ସାମ୍ରାଜ୍ୟର ଦୁର୍ଦ୍ଧାନ୍ତ ସୈନ୍ୟ ଓ ସେନାପତିମାନେ ଆମକୁ ସମର୍ଥନ କରୁଛନ୍ତି । ରାଜକୁମାରମାନେ ଯୁବରାଜ ସୁସୀମଙ୍କୁ ସମର୍ଥନ କରୁଛନ୍ତି । ରାଣୀମା'ଙ୍କୁ ଅନ୍ତପୁରରେ ବନ୍ଦୀ କରି ରଖାଯାଇଛି ।

ଅଶୋକ—ଏଁ......ମୋ ମା' ବନ୍ଦୀ ! ଅସହ୍ୟ, ଅସହ୍ୟ ଏ ଅପମାନ । ତିଳେ ତିଳେ ଏ ଅପମାନର ପ୍ରତିଶୋଧ ନେବାକୁ ହେବ । ରାଧାଗୁପ୍ତ ! ତୁମେ ଜାଣିଛ ମା' ମୋର ଆଜୀବନ ସମ୍ରାଟ ବିନ୍ଦୁସାରଙ୍କର ଅବଜ୍ଞା ଓ ଅଶ୍ରଦ୍ଧା ଭୋଗି ଆସିଛନ୍ତି । ମୁଁ କୁତ୍ସିତ ଓ କଦାକାର ରୂପ ପାଇଛି ବୋଲି ପିତା ଅନ୍ୟମାନଙ୍କ ତୁଳନାରେ ମୋତେ ଉପଯୁକ୍ତ ସ୍ନେହ ଶ୍ରଦ୍ଧା ଦେଇନ୍ତି ନାହିଁ । ମୁଁ ଯାହା କିଛି ମାଆଙ୍କଠାରେ କ୍ଷମତା ଓ ସମ୍ମାନ ପାଇଛି ତାହା କାହାରି ଦୟାରୁ ନୁହେଁ । ତାହାହିଁ ମୋର ଉପକାରୀ ଆଶୀର୍ବାଦ ।

ରାଧାଗୁପ୍ତ—ଆଦେଶ ଦିଅନ୍ତୁ କୁମାର । ବିଦ୍ରୋହ-ବିମର୍ଷର ସମସ୍ତ ଅନ୍ତହାନ ହୋଇଛି ।

ଅଶୋକ—ଦୃଢ଼ହସ୍ତରେ ବିଦ୍ରୋହ ଦମନ କରିବାକୁ ହେବ । ଯେଉଁ ରାଜକୁମାରମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ବିରୋଧ କରୁଛନ୍ତି, ସେମାନଙ୍କୁ ଦୁର୍ବାର ଦଣ୍ଡ ଭୋଗ କରିବାକୁ ପଡ଼ିବ । ରାଧାଗୁପ୍ତ ! ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ଆମ୍ଭମାନଙ୍କର ଭାଗ୍ୟଗଠନ ଦିଗରେ ସହାୟକ । ଏହାର ସଦୁପଯୋଗ କରିବାକୁ ସୁଯୋଗ ଦିଅ ।

Digitized by srujanika@gmail.com

ରାଧାଗୁପ୍ତ—ଏଇ ତ......ଏକ ବ୍ୟଥାତୁର ଧ୍ୱନି ଭାସି ଆସୁଛି । ବୋଧହୁଏ କିଛି ଅଘଟଣ ଘଟିଯାଇଛି ନା କ'ଣ ।

ଅନ୍ୟ ଏକ ସେନାପତି—(ପ୍ରବେଶ କରି) ସମ୍ରାଟ ଅଶୋକଙ୍କର ଜୟ ହେଉ । ଦୁର୍ଦ୍ଧର୍ଷ ସୈନ୍ୟଗଣ ପ୍ରସ୍ତୁତ ହୋଇଗଲେଣି । ମୌର୍ଯ୍ୟ ସିଂହାସନ ସମ୍ରାଟଙ୍କୁ ଅପେକ୍ଷା କରୁଛି । ଯୁବରାଜ ସୁସୀମଙ୍କୁ ଅଭିଷେକ କରିବାପାଇଁ ଗୁପ୍ତରେ ଆୟୋଜନ ଚାଲିଛି । ଅତର୍କିତ ଭାବରେ ଆକ୍ରମଣ କରିବାକୁ ହେବ । ପ୍ରସ୍ତୁତ ହୁଅନ୍ତୁ ମହିମା ।

ଅଶୋକ—(ଆସନରୁ ଉଠି, ଖଡ୍‌ଗ ଉତ୍ତୋଳନ କରି) ପ୍ରଳୟ ପ୍ରଭଞ୍ଜନର ପ୍ରବୃତ୍ତି ଗୋଟାଏ ପୁଣି କଣ ? ହାଃ......ହାଃ......ହାଃ ।

[ମଂଚ ଅନ୍ଧକାର ହୋଇଗଲା ସମ୍ପୂର୍ଣ୍ଣ ଭାବରେ । ତା'ଭିତରେ ଖଡ୍‌ଗର ଝଣତ୍କାର । ବଜ୍ର ବିଦ୍ୟୁତର କମ୍ପନ । ଭୀଷଣ ଆର୍ତ୍ତ ଚିତ୍କାର । ଅନ୍ତରାଳରେ ଭୟଙ୍କର ସଂଘର୍ଷ । କିଛି ସମୟରେ ହଠାତ୍ ସବୁ ବନ୍ଦ ହୋଇଗଲା । ମଂଚ ଆଲୋକିତ ହେଲା । ବିନ୍ଦୁସାର ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ନିସ୍ତବ୍ଧ....ନିସ୍ତରଙ୍ଗ । ଅଶୋକ ଝଡ଼ ବେଗରେ ପ୍ରବେଶ କଲେ ମଂଚ ବୁକୁରେ । ହାତରେ 'ସୁସୀମ'ଙ୍କର ଛିନ୍ନ ମସ୍ତକ ।]

ଅଶୋକ—ହାଃ....ହାଃ....ହାଃ....ସଂହାର ପର୍ବର ଶୁଭ ଉଦ୍‌ଘୋଷଣ । ହେ ପିତା ! ଅଶୋକକୁ ଉପେକ୍ଷା କରିବାର ଏହାହିଁ ପରିଣତି । ପ୍ରଳୟକୁ ଉପେକ୍ଷା କରାଯାଇ ପାରେନା । ମୌର୍ଯ୍ୟ ସିଂହାସନ ଏକ ଶୃଗାଳ ପାଇଁ ଉଦ୍ଦିଷ୍ଟ ନୁହେଁ । ସିଂହାସନ ସିଂହ ଶାବକର । ମନେ ରଖିବାକୁ ହେବ ଜ୍ୟେଷ୍ଠ ବଳିଷ୍ଠ ନୁହେଁ । ସାମ୍ରାଜ୍ୟ ବଳିଷ୍ଠର, ଦୁର୍ବଳ ଦୟାର ପାତ୍ର, ଶାସନଯୋଗ୍ୟ ବସୁନ୍ଧରା ।

ରାଧାଗୁପ୍ତ—(ପ୍ରବେଶ କରି) ସମ୍ରାଟ ଅଶୋକଙ୍କର ଜୟ ହେଉ ।

ଅଶୋକ—ନା....ନା.... କୁହ, 'ଯୁବରାଜ ସୁସୀମ'ଙ୍କର ଜୟ । ତାଙ୍କ ରକ୍ତରେ ମୌର୍ଯ୍ୟ ସିଂହାସନ ସିକ୍ତ ହେବାର ସୁଯୋଗ ସେ ମୋତେ ଦେଇଛନ୍ତି । ସମ୍ରାଟ ବିନ୍ଦୁସାର ! ଏଇ ନିଅନ୍ତୁ ଆପଣଙ୍କର ପ୍ରିୟ ସନ୍ତାନ ଯୁବରାଜ ସୁସୀମଙ୍କର ଛିନ୍ନ ମସ୍ତକ ଅନ୍ତିମ ଉପହାର ....ହାଃ....ହାଃ....ହାଃ.... ।

Digitized by srujanika@gmail.com

ନାରୀକଣ୍ଠ—(ଅନ୍ତରାଳରୁ) ବନ୍ଦକର ତମର ଚିତ୍କାର....ଭ୍ରାତୃହନ୍ତା । ତମକୁ ଲଜ୍ଜା ଲାଗୁନି, ପିତାଙ୍କ ମୃତ୍ୟୁରେ ବ୍ୟଥିତ ହେବା ପରିବର୍ତ୍ତେ ପିତୃସମ ଜ୍ୟେଷ୍ଠ ଭ୍ରାତାର ମସ୍ତକ କାଟି ଆଣି ଉପହାର ଦେଉଛ ! ଧିକ୍ ତମର ବିବେକ, ଶତଧିକ୍ ତମର ରାଜ୍ୟ ଲାଳସା । ତୁମେ ଶୋକ-ପାଶୋରି ଅଶୋକ ନୁହଁ, ନର୍କର କୀଟାଣୁ "ଚଣ୍ଡାଶୋକ" । ଚଣ୍ଡାଳ ଅଶୋକ....ଚଣ୍ଡାଳ ଅଶୋକ !!

ଅଶୋକ—(ଅନ୍ତରାଳକୁ ଲକ୍ଷ୍ୟ କରି) ହାଃ....ହାଃ....ହାଃ....ତମର ଶୃଗାଳ ପୁତ୍ରର ସଂହାରରେ ବ୍ୟଥିତ ହୋଇପଡ଼ିଛ ନାରୀ । କିନ୍ତୁ ଅଘଟଣ ଘଟିନାହିଁ । ସମ୍ରାଟ ବିନ୍ଦୁସାର ନିଜର ପ୍ରିୟ ପୁତ୍ରର ବିଚ୍ଛେଦରେ ଶାନ୍ତିରେ ସ୍ୱର୍ଗବାସ କରିପାରି ନ ଥାନ୍ତେ । ତାଙ୍କର ମହାଯାତ୍ରାପାଇଁ ମୁଁ ତମର ଚଣ୍ଡାଶୋକ ମହାନ୍ ଉପହାର ଦେଇଛି । ଚ....ଣ୍ଡା....ଶୋ....କ.... ! ଚମତ୍କାର ନୀତିଏ ଦେଇଛ ନାରୀ । ଅପେକ୍ଷା କର, ତୁମକୁ ବି ପ୍ରିୟ ପୁତ୍ର ଆଜି ସ୍ୱାମୀଙ୍କ ସନ୍ନିଧି ପଠାଇଦିଆଯିବ ।

ସେନାପତି—(ବିପରୀତ ଦିଗରୁ ପ୍ରବେଶ କରି) ସମ୍ରାଟ ଅଶୋକଙ୍କର ଜୟ ।

ଅଶୋକ—ହାଃ....ହାଃ....ହାଃ....ଗଗନ ପବନ ଥରାଇ କୁହ....କୁହ ସେନାପତି । ମଗଧ ସୈନ୍ୟ ଶିବିରରେ ଶୁଭ ଉଦ୍‌ଘୋଷଣ ଆରମ୍ଭ କର...... ।

ସେନାପତି—ପ୍ରବଳ ପ୍ରତାପୀ, ମୌର୍ଯ୍ୟ ମୁକୁଟମଣି, ଅରିକୁଳ ବିମର୍ଦ୍ଦକ ସମ୍ରାଟ ଅଶୋକ ଆଜି ସୁବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ଅଧିଷ୍ଠିତ ସମ୍ରାଟ । ମଗଧ ରାଜସିଂହାସନର ମଣ୍ଡନମଣି ।

ସ୍ୱର—(ସମବେତ କଣ୍ଠରେ ଶୁଣାଗଲା) ଜୟ....ସମ୍ରାଟ ଅଶୋକଙ୍କର ଜୟ ।

ଅଶୋକ—ଶୁଣୁଛ....ସମ୍ରାଟ ବିନ୍ଦୁସାର । ପ୍ରଜାପୁଞ୍ଜର କି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା । ଆଜିର ଏହି ଐତିହାସିକ ଉତ୍ସବରେ ପ୍ରଚଣ୍ଡ ଅଶୋକ ତା ମା'ଠାରୁ ଯେଉଁ "ଚଣ୍ଡାଶୋକ" ଉପାଧି ପାଇଲା, ତାହାହିଁ ହେବ ସମ୍ରାଟ ଅଶୋକର ଭୂଷଣ । ରାଜ୍ୟ ଶାସନପାଇଁ ସେ ସେଥିରୁ ପ୍ରେରଣା ପାଇବ । ଶତ୍ରୁକୁ ସଂହାର କରିବାପାଇଁ ଉନ୍ମାଦନା ପାଇବ । ସେଇ ଭୟଙ୍କର ନୀତି ହିଁ ଶାସନ କରିବ ସସାଗରା ଭାରତକୁ ।

Digitized by srujanika@gmail.com

"ଚଣ୍ଡାଶୋକ" ନାଁଟାର ଉପହାରପାଇଁ ସେ ପାଗଳଙ୍କ ନାଗକୁ କ୍ଷମା ଦିଆଗଲା ।

ସେନାପତି—ଆଦେଶ ଦିଅନ୍ତୁ ସମ୍ରାଟ । ଶବାଧାର ପ୍ରସ୍ତୁତ ହେବ । ଶବ-ଶୋଭାଯାତ୍ରା ଆରମ୍ଭ ହେବ । ପରମ୍ପରାକୁ ବଜ୍ରରକ୍ଷା କରନ୍ତୁ ମହିମା ।

ଅଶୋକ—ହାଃ....ହାଃ....ହାଃ....ପରମ୍ପରାର ଭ୍ରମ ଭଙ୍ଗ ହେଲା ବୋଲି ତ "ଚଣ୍ଡାଶୋକ" ଉପାଧିଟା ମିଳିଲା । ପୁଣି ପରମ୍ପରା ପ୍ରଶ୍ନ ଉଠାଉଛ କାହିଁକି ସେନାପତି । ଅଭିଷେକ ଉତ୍ସବ ରାଜରକ୍ତରେ ସମାପିତ ହୋଇଛି । ଶବ-ଶୋଭାଯାତ୍ରାର ବ୍ୟବସ୍ଥା କର ।

[ନେପଥ୍ୟରେ କୋଳାହଳ, ସେନାପତି ମଂଚରୁ କିଛି ସମୟପାଇଁ ଭିତରକୁ ଯାଇ ପୁଣି ମଂଚକୁ ଆସିଲେ । ବ୍ୟସ୍ତତାଭିତରେ କହିଲେ]

ସେନାପତି—ମହିମା ! ରାଜକୁମାରମାନେ ବିଦ୍ରୋହ କରିଛନ୍ତି । ସେମାନଙ୍କୁ ଅନେକ ସୈନ୍ୟଙ୍କର ସମର୍ଥନ ବି ମିଳିଛି ।

ଅଶୋକ—ବ୍ୟସ୍ତ ହେବାର କିଛି ନାହିଁ । ସମର୍ଥନର ରାଜପଥରେ ବିଦ୍ରୋହର ପଟୁଆର ଚାଲେ । ଚଣ୍ଡାଶୋକ ନାଁଟାର ପ୍ରଚଣ୍ଡତା ସ୍ପର୍ଶ କଲେ ସେ ବିଦ୍ରୋହ ଆପେ ଆପେ ଥମିଯିବ । ହଁ....ଶୁଣ, ଦୁଇଟି ଶବାଧାର ପ୍ରସ୍ତୁତ କର । ଗୋଟିକରେ ମହାମନ୍ତ୍ରୀ ବିନ୍ଦୁସାର ବିଜେ କରିବେ । ତା ସମ୍ମୁଖରେ ସୁସୀମଙ୍କର କଟା ମୁଣ୍ଡଟା ଝୁଲିବ । ଅନ୍ୟଟିରେ ଆଉ ଅଠାନବେ ବିଦ୍ରୋହୀ ରାଜକୁମାରମାନଙ୍କର କଟାମୁଣ୍ଡ ରଖାଯିବ । ପୁଷ୍ପସ୍ତବକ ବଦଳରେ ଶବାଧାର ଚତୁଃପାର୍ଶ୍ୱରେ କଟାମୁଣ୍ଡଗୁଡ଼ିକ ଝୁଲାଇ ଦିଆଯିବ । ତା'ପରେ ଆରମ୍ଭ ହେବ ମଗଧ ରାଜପଥରେ ଶବ-ଶୋଭାଯାତ୍ରା ।

(ମଞ୍ଚ ଅନ୍ଧକାର)

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

[ରାଜପୁରୀର ବିଳାସ ଉଦ୍ୟାନ । ଗଛ ଲତାର ପତ୍ର ପୁଷ୍ପ ଭରା ଶାଖା ପ୍ରଶାଖାରେ ଉଚ୍ଛ୍ୱସିତ ଉନ୍ମାଦନା ନାହିଁ । ବୃନ୍ତଚ୍ୟୁତ ପୁଷ୍ପଗୁଡ଼ିକ ଧୂଳିମଳିନ । ଏକ ଅବସାଦ ଆବୃତ ସ୍ତବ୍ଧତାର ବିଚରଣ କରୁଛି ତାର ଭିତରେ । ପ୍ରତ୍ୟେକ ବୃକ୍ଷପାଖରେ କିଛି ସମୟପାଇଁ ଅଟକି ଯାଉଛି । ହଠାତ୍ ଦୂରକୁ ଲକ୍ଷ୍ୟକରି ଆତ୍ମଗୋପନ କଲା ଅନ୍ତରାଳରେ । ସୂର୍ଯ୍ୟଙ୍କର ଉଦୟନ ଆଭା ପଶ୍ଚାତ୍ ଭାଗରେ ପ୍ରକଟିତ । ହଠାତ୍ ଶୁଣାଗଲା ଦୂର ପତ୍ର ଗହଳରୁ କଳକଣ୍ଠ କୋକିଳର କୁହୁ ସଙ୍ଗୀତ]

ସ୍ୱର—କୁଉ···କୁଉ···କୁଉ···କୁଉ··· ।

[ସଙ୍ଗୀତ ଗାନ କରି ମଂଚ ବୁକୁରେ ପ୍ରବେଶ କଲା ଏକ ନାରୀ, କରୁଣ ସଙ୍ଗୀତର ମୂର୍ଚ୍ଛନା]

ନର୍ତ୍ତକୀ—ଗାଆନାରେ ପକ୍ଷୀ ତୁ'ଗାଆନା, ଗାଆନା·····ଗାଆନା,
କୁହୁକୁହୁ କୁହୁ ଡାକ ଦେଏନା, ଦେଏନା···ଆଉ ଦେଏନା । ୦ ।
ବସନ୍ତ ମଉଛବ ଏ' ବନୁ ସରିଲାଣି
ଅଫୁଟା ଫୁଲଟିକ ନ ଫୁଟି ଝଡ଼ିଲାଣି
ମଧୁପ ମନମାରି ମଉନେ ଗଲା ଫେରି
ବିରହ ବେଣୁ ଆଉ ବାଆନା···
ଗାଆନାରେ ପକ୍ଷୀ······। ୧ ।
ଜୋଛନା ଥାଳ ଧରି ପୁନଅଁ ଆସିବନି
ସ୍ୱରୂପ ଦେବତାରେ ! ମୃତ୍ୟୁ ବୁଣିବନି
ମେଘ ତ ଆକାଶରେ ହୋଇଛି ମତୁଆଲି
ମଳୟ ପବନେ ଆଉ ଯାଆନା
ଗାଆନାରେ ପକ୍ଷୀ ତୁ ଗାଆନା, ଗାଆନା···ଗାଆନା,

[ଛଦ୍ମବେଶୀ ଅଶୋକ ମୁଖା ଖୋଲି ଦେଇ]

ଅଶୋକ—କିଏ ··କିଏ ତୁମ୍ଭେ ନାରୀ ? (ରୁକ୍ଷ କଣ୍ଠ ଓ କର୍କଶ ସ୍ୱରବାଣୀ)

Digitized by srujanika@gmail.com

ନର୍ତ୍ତକୀ—(ଚମକପଡ଼ି) ମୁଁ ଅନ୍ତପୁରର ନର୍ତ୍ତକୀ ମଧୁନନ୍ଦା ।

ଅଶୋକ—ହୁଁ···ଏଇ ଅନ୍ତପୁରରେ ମଧୁ ବର୍ଷୁଥିଲୁ, ନୁହେଁ !!
ସେ ଅଶୋକ ଗଛର ଡାଳଗୁଡ଼ାକ ଭାଙ୍ଗିଲା କିଏ ? କିଏ ଏ ଫୁଲସବୁ ଛିଣ୍ଡାଇଛି ??

ନର୍ତ୍ତକୀ—ମୁଁ···ମୁଁ···ମୁଁ ଜାଣେନା ମହିମା । ଉ · ଉ···ଉ ଉଆସରେ ଦାସୀ ପରିଚାରିକାମାନେ କାଲି ବୁଲୁଥିଲେ ନା କ'ଣ ।

ଅଶୋକ—ପ୍ରମୋଦ ଉଦ୍ୟାନଟା ଉଆସର ଦାସୀମାନଙ୍କପାଇଁ ? ବେକୁଫ୍···ହିଁ, କ'ଣ ସେ ଗୀତଟା··ଗାଇଲୁ ।

ନର୍ତ୍ତକୀ—ମ · ହି · ମା ।

ଅଶୋକ—(ଗର୍ଜନକରି) ଗା, ଛନ୍ଦେ ଛନ୍ଦେ ନୃତ୍ୟ ବି ଚାଲିବ ।

ନର୍ତ୍ତକୀ—(ଭୟାଭୁର ହୋଇ ଖନେଇ ଖନେଇ ସ୍ୱର ଧରିବା ଓ ବାଜିଲା ପାଦ ଚଳାଇ ଭୟାର୍ତ୍ତନୟନରେ ଅଶୋକଙ୍କ ମୁହଁକୁ ଚାହିଁବା)

ଅଶୋକ—ହାଃ · ହାଃ ·· ହାଃ ·· ଚମତ୍କାର, ଚମତ୍କାର ୀ ନର୍ତ୍ତକୀ ତୋ ସଙ୍ଗୀତର ଅର୍ଥ ମୁଁ ଠିକ୍ ବୁଝିଛି । ଏ ବନରେ ଆଉ ପିକ ସଙ୍ଗୀତ ଶୁଣିବାକୁ ମିଳିବନି ତା ବଦଳରେ ଶୁଣିବାକୁ ମିଳିବ ସିଂହର ଗର୍ଜନ । ତା ସହିତ ତାଳପକାଇ ନାଚିବାକୁ ହେଲେ 'ଲାସ୍ୟ'ର ଆବଶ୍ୟକତା ନାହିଁ । ଦରକାର ତାଣ୍ଡବ···ତା···ଣ୍ଡ ··ବ । ପାରିବୁ ?

ନର୍ତ୍ତକୀ—(ମୂର୍ଚ୍ଛିତ ହୋଇ ତଳେ ପଡ଼ିଯିବା) । ଅଶୋକ ଗୋଟାଏ ବିକଟାଳ ହସ ହସି ପୁଣି ଆପାଦ ବସ୍ତ୍ରାବୃତ କରି ଗଛ ପଛରେ ଧୀରେ ଧୀରେ ଲୁଚିଗଲେ । କିଛି ସମୟ ପରେ ନର୍ତ୍ତକୀ ଆସ୍ତେ ଆସ୍ତେ ଆଖି ଖୋଲି ଚାରିଆଡ଼କୁ ଚାହିଁଲା, ହଠାତ୍ ଉଠିପଡ଼ି ଆଖି ପିଛୁଳାକେ ହଜିଯିବା । ପଛରୁ ଶୁଣାଯାଉଥିଲା ଏକ ବିକଟାଳ ହସ । କିଛି ସମୟ ମଞ୍ଚ ଖାଲି ରହିବାପରେ ଅଶୋକ ଗଛ ଉହାଡ଼ରୁ ପ୍ରବେଶ କଲେ । ମଞ୍ଚରେ ଏଣେତେଣେ ବିଚରଣ କଲେ । ଦୂରରୁ ପୁରୁଷ କଣ୍ଠର ହସ ଲହରୀ ଶୁଣାଗଲା । ଛଦ୍ମବେଶୀ ଅଶୋକ ମଞ୍ଚର ଗୋଟିଏ ଅଂଶରେ ଲୁଚିଗଲେ) ।

[କିଛି କାଳ ପ୍ରବେଶ କଲେ ରାମ, ମଧୁ, ଗୋପ]

Digitized by srujanika@gmail.com

ମଧୁ—ଅରେ ସେଗୁଡ଼ାକ ମୋତେ ଆଉ କହନା, ଆରେ ଯଦୁକୁଳ ତ ଉଚ୍ଛନ୍ନ, ରଘୁକୁଳ ତ ଭସ୍ମ ହୋଇଗଲା । ଏ ଗର୍ବ କ'ଣ ରହିବ ? ସଂସାରରେ କାହା ଗର୍ବ ରହିଛି କହନ୍ତୁ । ସ୍ୱୟଂ ଇନ୍ଦ୍ର ତ ପୁଣି ବାଟର ଭିକାରୀ ହୋଇଛନ୍ତି, ଘର ମଣିଷର ଗର୍ବ କେତେ ଦିନ ?

ରାମ—ମାଧାଇ, ବିଧିର ବିଧାନ ବଡ଼ ବିଚିତ୍ର । ବିତ୍ତ ପାଇଥିଲେ ରାମଚନ୍ଦ୍ର ରାଜା ହୋଇଥାନ୍ତେ ହେଲେ ତାଙ୍କୁ ବନବାସ କରିବାକୁ ପଡ଼ିଲା । ଯୁବରାଜ 'ସୁମୀମ' ଏତେବେଳକୁ ସିଂହାସନରେ ବସିସାରନ୍ତେଣି । ବିଶ୍ୱ ଛାଡ଼ା କରାଇ ଦେଲାନ ।

ଗୋପ—ବୁଝିଲୁ ରମାଇ, ରାମଚନ୍ଦ୍ର ପିନା ବନବାସ କଲେ ହେଲେ ତାଙ୍କ ପାଇଁ ରାମାୟଣ ଲେଖାହେଲା । ରାମ, ସୀତା ଦେବତା ହୋଇଗଲେ । କାଳ କାଳକୁ ପୂଜା ପାଇଲେ । ବିଚ୍ଛର 'ସୁସୀମ' ପାଇଲେ କ'ଣ ? ମୁଣ୍ଡକାଟ ଶାସ୍ତି, କହ ତାଙ୍କର ଦୋଷ କ'ଣ ଥିଲା ?

ମଧୁ—ଗୋପାଇ ! ଭାଇଗୁଡ଼ାକର ବେକକୁ କୁକୁଡ଼ା ବେକଭଳି ମୋଡ଼ି ଏ ଯେଉଁ ସିଂହାସନଟା ମିଳିଛି ତା' କେତେ ଦିନ ? ଏ ରାଜ୍ୟ ରହିବନି, ଜଳପୋଡ଼ି ଘାରଖାର ହୋଇଯିବ । ରାଜ୍ୟକୁ ଶନି ଘୋଟିଛି ରେ ଶନି ଘୋଟିଛି, ତାକୁ ଶାନ୍ତ କରିବ କିଏ ?

ରାମ—ମାଧାଇ, ଏସବୁ ଦେଖିଲେ ମଣିଷର ଠାକୁରଙ୍କଉପରୁ ବିଶ୍ୱାସ ତୁଟିଯାଏ । ଏ ସଂସାରରେ ଭଗବାନ ବୋଲି କେହି ଅଛନ୍ତି ବା ଧର୍ମ ବୋଲି କିଛି ଗୋଟାଏ ଅଛି, ଏ ବିଶ୍ୱାସ ରହେନା । ସଂସାର ଧର୍ମରେ ଚାଲୁଚି ବୋଲି ମନ ମାନେନା ।

ଗୋପ—ରମାଇ ! ମୁଁ ତ ଠିକ୍ ସେଇକଥା ଭାବୁଛି—ସଂସାରଟା ଅଧର୍ମ, ଅନ୍ୟାୟ, ପାପଭିତରେ ଚାଲୁଛି । ପାପ ପବନଟା ସଂସାର ଶରୀରରେ ଆତଯାତ ହେଉଛି, ସେଇଟା ରୁନ୍ଧିଗଲେ ସଂସାରଟା ବୋଧହୁଏ ସଢ଼ିଯିବ ।

ମଧୁ—କିଛି କହନା ରେ ଭାଇ, ଅଶୁଭ ପବନଟା ବହୁଚି । ପ୍ରେତାତ୍ମାପରି ସେ ଘୂରି ବୁଲୁଚି । କାନରେ ପଡ଼ିଲେ ନା, ଏକାଥରକେ ଦଫା-ରଫା ଶେଷ ।

ରାମ—ଯେତେ ଭାବିଲେ ବି କଥା କ'ଣ ରହୁଚି । ତେଣିକି ଯାହା ହେବାର ହେବ । ଆହାଃ, ରାଜପୁତ୍ରଗୁଡ଼ାକ ରୂପ ଗୁଣରେ କେହି କାହାକୁ

Digitized by srujanika@gmail.com

କମ ନୁହନ୍ତି । ଚଣ୍ଡାଳ ଅଶୋକ ରାଜପୁରୀଟାକୁ ଛାରଖାର କରିଦେଲା ।
ଏ ମୌର୍ଯ୍ୟସାମ୍ରାଜ୍ୟ ଧ୍ୱଂସ ହୋଇଯିବାରେ ଧ୍ୱଂସ ହୋଇଯିବ ।

ଗୋପ—ଆରେ ସେ ନାଁଟା ପୁଣି ପାଟିରେ ଧରିଲୁ । ମୃତ୍ୟୁ ବି ସେ ନାଁଟାକୁ ଡରିଯାଇଛି । ସେ ହେଉଛି ଯମର ଯମ । ସାବଧାନ, ତା'କାନରେ ପଡ଼ିଲେ ଆଜ ରାତି ବି ପାହିବନି ।

ମଧୁ—ଗୋପାଇ, ସତ କହିଲୁ । ଆଲୋ ସଖି ! ଆପଣା ମହତ ଆପେ ରଖି । ଆମେ ତ ଉଆସ ଲୋକ । ସେ ଯେତେବେଳେ ଆସିବ, ସେ ଆମର । ଚିହ୍ନାପଡ଼ି ଲାଭ କ'ଣ ? ଦେଖିଲୁ ତ, ଉଆସ ବଗିଚାରୁ ଅଶୋକ ଡାଳ କେତେଟା ପିଲାମାନେ ଭାଙ୍ଗିଦେଲେ ବୋଲି କି ଦଣ୍ଡ ମିଳିଲା ।

ରାମ—ଏ ଗପ ବଧାଟା ସତ୍ତ୍ୱବନରେ ଭାଇ, ସତ୍ତ୍ୱବନ । ଗଛଟାର ନାଁ "ଅଶୋକ" ବୋଲି ସିନା ଏ ଦଣ୍ଡ ମିଳିଲା । ଆଉ କିଛି ହୋଇଥିଲେ ତାକୁ କାଟି ଦେଇଥିଲେ ବି କିଏ ଦେଖୁଥାନ୍ତା ? ଗଛ ଡାଳ, ଆଉ ଡାଳମାଙ୍କିଡ଼ି ଖେଳ, ଏଇଟା ତ ପିଲାଙ୍କ ଜୀବନ । ଖେଳୁ ଖେଳୁ ଡାଳ ଦିଇଟା ଭାଙ୍ଗିଗଲା, ଏଥିପାଇଁ ଏଡ଼େ ନୃଶଂସ ଦଣ୍ଡ !

ଗୋପ—ରାମାଇ ! କହନା । ବିହଟା ଶୀତେଇ ଉଠୁଛି । ଓହୋ, କଣ୍ଢ-ତରୁଣୀ ଝିଅ ତିନିଟାକୁ ଟେକିନେଇ ତାତିଲା ତେଲ କଡ଼େଇରେ ମାଛ ଭଜିଲାପରି ଭାଜିଦେଲେ ! ଆହାଃ, ଭଗବାନଙ୍କ ରାଜ୍ୟରେ ଏଇପ୍ରାସବୁ ଘଟୁଛି । ଠାକୁରେ ସମ୍ଭାଳିଚନ୍ତି ?

ମଧୁ—ଗୋପାଇ ! ତା ନୁହେଁରେ, ଝିଅ ତିନିଟାକୁ ଛୁଡ଼ା କରାଇ ହାତ ଗୋଡ଼ ବାନ୍ଧି ଦିଆଗଲା, ତା'ପରେ ତାତିଲା ତେଲ ମୁଣ୍ଡରେ ଅଜାଡ଼ି ଦିଆଗଲା । ଏକାଥରକେ ମୁଣ୍ଡରୁ ଗୋଡ଼ଯାଏ ଛାଲ ଛାଡ଼ିଗଲା । ଅଖିବାଟେ ପ୍ରାଣ ଚାଲିଗଲା ରେ ଗୋପାଇ (ବନ୍ଧିତ କଣ୍ଠରେ)।

[ହଠାତ୍ ଶୁଣାଗଲା ଏକ ବିକଟାଳ ହସ—ହାଃ ··ହାଃ ··ହାଃ ··]

ଅଶୋକ—(ଛଦ୍ମବେଶରେ) ତମ ପାଳି ବି ଆସିଗଲା । କିଏ ଅଛରେ, ଏମାନଙ୍କୁ ନେଇ ହାଜତରେ ରଖିଦିଅ । ଏମାନଙ୍କର ବିଚାର ହେବ ।

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

ଅଶୋକ—ହାଃ ··ହାଃ ··ହା ··ଏଥର ଠିକ୍ ହେଲା । ବିଦ୍ରୋହୀର ତାଜା ରକ୍ତରେ ତୃଷିତ ଖଡ୍‌ଗର ତୃଷା ମେଣ୍ଟିଗଲା । ଆସ୍ପର୍ଦ୍ଧା କିଛି କମ୍ ନୁହେଁ, ସାମାନ୍ୟ ଦାସୀଗୁଡ଼ାକର ଔଦ୍ଧତ୍ୟ ସୀମା ଅତିକ୍ରମ କରିଥିଲା ।

ରାଧାଗୁପ୍ତ—ସମ୍ରାଟ ! ସିଂହର ସାମ୍ରାଜ୍ୟରେ ଶୃଗାଳର ନୃତ୍ୟ କେତେ ଦିନ ଆଉ ଚାଲିଥାନ୍ତା ?

ଅଶୋକ—ଚାଲିଥାନ୍ତା ନୁହେଁ, ଚାଲିବ । ବୁଝିଲ ରାଧାଗୁପ୍ତ, ତମପରି ଗୋଟାଏ ମାଇଚିଆ ନପୁଂସକ ମନ୍ତ୍ରୀ ଯେତେଦିନ ପର୍ଯ୍ୟନ୍ତ ଥିବ, ସେତେଦିନ ପର୍ଯ୍ୟନ୍ତ ଶୃଗାଳ କାହିଁକି ମାର୍ଜାର ବି ନୃତ୍ୟ କରୁଥିବ ।

ରାଧାଗୁପ୍ତ—ମାଫ୍ କରନ୍ତୁ ମହିମା । ସମ୍ରାଟଙ୍କର ଆଦେଶ କାର୍ଯ୍ୟକାରୀ ହେବାରେ ଟିକିଏ ବି ଖିଲାପ୍ ହୋଇନାହିଁ । ଏ ଆଶ୍ରିତ ସମ୍ରାଟଙ୍କ ସେବାପାଇଁ ନିଜକୁ ଉତ୍ସର୍ଗ କରିଛି ।

ଅଶୋକ—ଖିଲାପ୍ ହୋଇନାହିଁ ? ତା'ହେଲେ ଏ ବିଦ୍ରୋହ ଏପର୍ଯ୍ୟନ୍ତ ଚାଲିଛି କାହିଁକି ? ସମ୍ରାଟ ଅଶୋକଙ୍କର ନିର୍ଦ୍ଦେଶ, ଏଣିକି ବିଦ୍ରୋହୀ-ମାନଙ୍କୁ ବନ୍ଦୀ କରାଯିବ । ସେମାନଙ୍କର ବିଚାର ହେବ । ମୋ ନିଜ ହାତରେ ମୁଁ ସେମାନଙ୍କର ଶିରଚ୍ଛେଦନ କରିବି ।

ରାଧାଗୁପ୍ତ—ଠିକ୍ କହିଲେ ସମ୍ରାଟ, ନିଜ ହାତରେ କଅଁଳ ଲସୁଲସୁ ବେକ-ଗୁଡ଼ାକ କାଟିଦେବାରେ ଭାରି ଆନନ୍ଦ ଅଛି । ବିଦ୍ରୋହୀମାନଙ୍କର ଉତ୍ପାତ ଏଣିକି କମିଯିବ ମହିମା ।

ଅଶୋକ—ତମେ ଏଇଆ ବୁଝିଲ ମହାମନ୍ତ୍ରୀ ? ନାଁଟା ରାଧାଗୁପ୍ତ ନା । ମନେରଖ, ରାଧା ନାମରେ ଯେତିକି କୋମଳତା ଅଛି, ସେତିକି କ୍ଲୀବତ୍ୱ ଅଛି । ସେଥିପାଇଁ ତମର ବିଚାରଧାରା ଭାରି କୋମଳ ।

Digitized by srujanika@gmail.com

ତମେ ଶାସନପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ । "ରାଧା"ବେକଟାତ ଆଜିର କଅଁଳ ଲସୁଲସୁ । ତାକୁ କାଟିଦେଲେ କମିତ ହୁଅନ୍ତା ?

ରାଧାଗୁପ୍ତ—(ଚମକିପଡ଼ି, ବିସ୍ମିତ ହୋଇ ରହିବା)

ଅଶୋକ—ଚମକିପଡ଼ିଲ ଯେ, ବୀର ମୃତ୍ୟୁର ନାଁ ଶୁଣିଲେ ଏପରି ଚମକେ ନାହିଁ । ତମ ନାଁରୁ ନାରୀତ୍ୱକୁ କାଟି ଦେବାକୁ ପଡ଼ିବ । ଶାସନପାଇଁ ଦରକାର ଏକ ଭୟଙ୍କର ନାଁ । ଖୁବ୍ ଭୟଙ୍କର ।

ରାଧାଗୁପ୍ତ—ମାଫ୍ କରନ୍ତୁ ମହିମା, ମୋ କହିବା ମାନେ ନିଜ ହାତରେ ଶାସ୍ତିପ୍ରଦାନ କଲେ ତାହା ଅନ୍ୟମାନଙ୍କପାଇଁ ଏକ ଉଦାହରଣରେ ପରିଣତ ହେବ । ତେବେ ଗୋଟାଏ ନମ୍ର ନିବେଦନ ସମ୍ରାଟ ସ୍ୱୀକାର କରିବେ ।

ଅଶୋକ—କୁହ ।

ରାଧାଗୁପ୍ତ—ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟର ମୂଳଦୁଆ ଖୁବ୍ ଶକ୍ତ । ତାକୁ ଦୁର୍ବଳ କରିଦେବାର ସାମର୍ଥ୍ୟ କାହାର ନାହିଁ ।

ଅଶୋକ—ତମରିଭିତରେ ଯେଉଁ ବିଶ୍ୱାସଘାତକ ଦଳ ଅଛନ୍ତି ?

ରାଧାଗୁପ୍ତ—ମହିମା, ଅଣ୍ଡିଛୁସ ତଣ୍ଡିକାଟେ । ସେଗୁଡ଼ାକୁ ଜବତ୍ କରିବାପାଇଁ ସାରାଦେଶରେ ଭୟଙ୍କର ଏକ ଭୂମିକମ୍ପ ସୃଷ୍ଟି କରିବାକୁ ହେବ ।

ଅଶୋକ—ହାଃ ··ହାଃ · ହାଃ । ଖୁବ୍ ଚମତ୍କାର ପରିକଳ୍ପନା । ନାଁରେ ଟିକିଏ ନାରୀତ୍ୱ ଥିଲେ ବି କଳ୍ପନାରେ ବୀରତ୍ୱ ଅଛି । ହୁଁ···ହୁଁ··· ସାରା ରାଜ୍ୟରେ ଭୟଙ୍କର ଏକ ଭୂମିକମ୍ପ ସୃଷ୍ଟି କରିବାକୁ ହେବ । ଆଚ୍ଛା, ଏଥିପାଇଁ କିଛି ପ୍ରସ୍ତାବ ଅଛି ?

ରାଧାଗୁପ୍ତ—ସମ୍ରାଟଙ୍କର ଜୟ ହେଉ । ବିଦ୍ରୋହୀମାନଙ୍କୁ ନିଜ ହାତରେ କାଟି-ଦେଲେ ସେମାନେ ଚିରଦିନପାଇଁ ଚୁପ୍ ହୋଇଯିବେ କେବଳ; କିନ୍ତୁ ଅନ୍ୟମାନଙ୍କପାଇଁ କିଛି ଉଦାହରଣ ରହିବ ନି । ଏଥିପାଇଁ ଏକ ନୂତନ ବ୍ୟବସ୍ଥା ··

ଅଶୋକ—ମାନେ ?

ରାଧାଗୁପ୍ତ—ମୁଁ ଭାବୁଥିଲି ସେମାନଙ୍କୁ ଏକାଥରକେ ହତ୍ୟା ନ କରି ତିଳେ ତିଳେ ହତ୍ୟା କରାଯାନ୍ତା । ସେଥିପାଇଁ ଗୋଟାଏ ଶାସ୍ତିଶାଳା ନିର୍ମିତ ହୁଅନ୍ତା—ଦୁର୍ଦ୍ଦାନ୍ତ ଘାତୁକମାନେ ତାଲିମ ପାଆନ୍ତେ । ମନୁଷ୍ୟକୁ

Digitized by srujanika@gmail.com

ବିଭିନ୍ନ ପ୍ରକାରରେ ଅକଥନୀୟ ଯନ୍ତ୍ରଣା ଦେବାର କୌଶଳ ସେମାନେ ଶିକ୍ଷା କରନ୍ତେ ।

ଅଶୋକ—ସୁନ୍ଦର ପ୍ରସ୍ତାବ । ଏହାର ନକ୍ସା ପ୍ରସ୍ତୁତ କରିବାପାଇଁ ଜଣେ ପୋଖତ ବ୍ୟକ୍ତିଙ୍କୁ ସ୍ଥିର କରିଯାଉ । ଶାସ୍ତିଶାଳା ନିର୍ମିତ ହେବ, ତା'ଭିତରେ ପ୍ରତିଫଳକ କାଚ ଏପରି ଭାବରେ ଖଞ୍ଜାଯିବ ଯେପରି କୋଠରି ଭିତରର ନିର୍ମମ ଦୃଶ୍ୟ ବାହାରକୁ ପ୍ରତିଫଳିତ ହେବ । ଲୋକମାନେ ରାସ୍ତାରେ ଯିବାବେଳେ ସେହି ଭୀଷଣ ଦୃଶ୍ୟ ଦେଖିବାକୁ ପାଇବେ ।

ରାଧାଗୁପ୍ତ—ବୈଜ୍ଞାନିକମାନଙ୍କୁ ମଧ୍ୟ ନିଯୁକ୍ତ କରିଯାଉ । ସେମାନେ ଏପରି ଡାକବାକଯନ୍ତ୍ର ଏଥିରେ ଖଞ୍ଜନ୍ତୁ ଯେପରି ଯନ୍ତ୍ରଣା କାତର ଧ୍ୱନି ସାରା ରାଜ୍ୟରେ ପ୍ରତିଧ୍ୱନିତ ହେବ ।

ଅଶୋକ—ମହାମନ୍ତ୍ରୀ ! ତମେଇ ସମ୍ରାଟ ଅଶୋକଙ୍କର ଅବିକଳ ଭାବମୂର୍ତ୍ତି । ନିଶ୍ଚୟ···ନିଶ୍ଚୟ · ତୁମର କଳ୍ପନାକୁ ରୂପ ଦିଆଯିବ । ସେ ଶାସ୍ତିଶାଳାର ନାଁ କ'ଣ ରଖାଯିବ ଜାଣିଛ ?

ରାଧାଗୁପ୍ତ— କୁହନ୍ତୁ ସମ୍ରାଟ ।

ଅଶୋକ—"ନରକ" ।

ରାଧାଗୁପ୍ତ—ସମ୍ରାଟ ଅଶୋକଙ୍କର ଜୟ ହେଉ । ନ ··ର···କ । ଚମତ୍କାର ନାମକରଣ, ଯଥାର୍ଥ ମଧ୍ୟ । ଏ ନାଁଟା ଲୋକମାନଙ୍କୁ ଭୟଭୀତ କରିବ ।

ଅଶୋକ—"ନରକ" । ମଣିଷ ଜାତିଟାକୁ କେବଳ ଏଇ ଗୋଟାଏ ନାଁ କେଉଁ ଅନାଦି କାଳରୁ ଭୟଭୀତ କରି ରଖିଛି । ଏଇ ଗୋଟାଏ ନାଁର ଭୟ ଦେଖାଇ ସମସ୍ତେ ମଣିଷଉପରେ ନିଜ ନିଜର ଆଧିପତ୍ୟ ବିସ୍ତାର କରି ଆସିଛନ୍ତି । ଆମେ ସେ ନାଁଟାର ସୁଯୋଗ ନ ନେବା ବା କାହିଁକି ?

ରାଧାଗୁପ୍ତ—ସମ୍ରାଟଙ୍କର ଆଦେଶ ଶିରୋଧାର୍ଯ୍ୟ ।

ଅଶୋକ—ମହାମନ୍ତ୍ରୀ ! ସାରା ସାମ୍ରାଜ୍ୟରେ କାରାଗାରମାନଙ୍କ ମଧ୍ୟରେ ନରକ ଯନ୍ତ୍ରଣା ଭୋଗ କରୁଥିବା ବନ୍ଦୀମାନଙ୍କର ଇତିହାସ ସଂଗ୍ରହ କର । ସବୁଠାରୁ ବଳି ଯେ ନରାଧମ ତାକୁ ଠାବ କର । ସେ ହେବ ଆମର

Digitized by srujanika@gmail.com

ଏଇ କଳ୍ପିତ ନର୍କପୁରୀର ପରିଚାଳକ । କାରାଗାର ନିକଟରେ ପ୍ରତି ଜାଗାରେ ନରକପୁରୀ ରହିବ । ଏହା ସମ୍ରାଟଙ୍କର ଚରମ ନିର୍ଦ୍ଦେଶ ।

ରାଧାଗୁପ୍ତ—ମଣିମାଙ୍କର ଅଭିଳାଷ ପୂର୍ଣ୍ଣହେଉ ।

ଅଶୋକ—ଏ ଆଦେଶ ଏଇ ମୁହୂର୍ତ୍ତରୁ ପାଳିତ ହେବ । ପ୍ରତି ସପ୍ତାହରେ ଅଗ୍ରଗତିର ବିବରଣୀ ମୋ ପାଖକୁ ଆସିବ ।

(ମଞ୍ଚ ଅନ୍ଧକାର)

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

[ରାଜ ପ୍ରାସାଦ, ରାଜବଧୂ "ଦେବୀ" ତଥାଗତ ବୁଦ୍ଧଙ୍କର ପ୍ରତିମୂର୍ତ୍ତିକୁ ଅନିମେଷ ନୟନରେ ଚାହିଁଛନ୍ତି । ଶରୀରରେ ପୀତବସ୍ତ୍ର ମେଖଳା । ଉପଗୁପ୍ତ ଆସନରେ ଉପବିଷ୍ଟ । ସେ ଧମ୍ମପଦ ସୂକ୍ତିଗୁଡ଼ିକ ବୁଝାଉଥାନ୍ତି । ଭଗବାନ ବୁଦ୍ଧଙ୍କ ପ୍ରଦର୍ଶିତ ଧର୍ମମାର୍ଗ ବିଷୟରେ ଧାରଣା ଦେଉଥାନ୍ତି ।]

ଉପଗୁପ୍ତ—ଶୁଣନ୍ତୁ ମହାଦେବି ! ଭଗବାନ ଗୌତମ ବୁଦ୍ଧ ମାନବ-ସମାଜର ସୁଖ ସମୃଦ୍ଧିପାଇଁ ଯେଉଁ ମାର୍ଗ ପ୍ରଦର୍ଶନ କରିଛନ୍ତି ତାହା ଜୀବନର ବିକାଶପାଇଁ ସବୁଠାରୁ ବଳି ଉତ୍ତମ ମାର୍ଗ । ଏ ସଂସାର ଦୁଃଖପୂର୍ଣ୍ଣ । ଦୁଃଖମୟ ସଂସାରରେ ମଣିଷର ଜୀବନତରୀ କାତଗ୍ରସ୍ତ ହୋଇ ଭାସୁଛି । ଭଗବାନ ବୁଦ୍ଧଙ୍କ ମହାନ୍‌ବାଣୀ ଜୀବନତରୀର କାତ ସଦୃଶ । ପ୍ରତ୍ୟେକ ମନୁଷ୍ୟ ତାହା ଗ୍ରହଣ କରିବା ଉଚିତ ।

ଦେବୀ—ହେ ସନ୍ୟାସି ! ପରମ କାରୁଣିକ ବୁଦ୍ଧଙ୍କର ସେଇ ମହାନ୍‌ବାଣୀ ଓ ବୌଦ୍ଧଧର୍ମର ନୀତି ବିଷୟରେ କିଛି କୁହନ୍ତୁ ।

ଉପଗୁପ୍ତ—"ଧର୍ମ୍ମ"ର ଅର୍ଥକୁ ଠିକ୍ ଭାବରେ ବୁଝିବା ଉଚିତ । ଜୀବନର ସତ୍ୟ-ସମୂହର ସମାହାରକୁ ଧର୍ମ କୁହାଯାଏ । ସେହି ସତ୍ୟକୁ ମାନିବା ଅର୍ଥ ଧର୍ମକୁ ମାନି ଚଳିବା । ମଣିଷ ଯୁଗେ ଯୁଗେ ନିଜର ସ୍ୱାର୍ଥକୁ ଆଖି ଆଗରେ ରଖି ଧର୍ମର ସଙ୍କୁଚିତ ବ୍ୟାଖ୍ୟା କରିଥାଏ । ଜୀବନରେ ସତ୍ୟ ସବୁ ସମୟରେ, ସବୁ ସ୍ଥାନରେ ଓ ସବୁ ପରିବେଶରେ ସମାନ । ଏହି ଦୃଷ୍ଟିରୁ ସବୁ ଧର୍ମର ମୂଳତତ୍ତ୍ୱ ସମାନ । ଅହିଂସା ଓ ପ୍ରେମ ବୌଦ୍ଧ ଧର୍ମର ମୂଳଭିତ୍ତି ଏବଂ ପୃଥିବୀପାଇଁ ଏକ ଶ୍ରଦ୍ଧାମୟ ଉପହାର ।

ଦେବୀ—ଅ · ହିଂ · · ସା !!! (ଏକ ଦୀର୍ଘ ନିଶ୍ୱାସ ପକାଇ କରୁଣନୟନରେ ଚାହିଁ ରହିଲେ ବୁଦ୍ଧଙ୍କର ପବିତ୍ର ମୂର୍ତ୍ତିଆଡ଼କୁ)

Digitized by srujanika@gmail.com

[ସମ୍ରାଟ ଅଶୋକ ଅଲକ୍ଷ୍ୟରେ ଆସି ପ୍ରବେଶ କଲେ କକ୍ଷ ମଧ୍ୟରେ । ସେ ଉପଗୁପ୍ତଙ୍କର ଧର୍ମବାଣୀ ଶୁଣିଛନ୍ତି ଓ ତାଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ମୁଖମୁଦ୍ରା ସେହି ଅନୁସାରେ ବଦଳୁଛି ।]

ଉପଗୁପ୍ତ—ମହାଦେବ ! ହିଂସାର ଅବର୍ତ୍ତମାନ ହିଁ ଶାନ୍ତି । ନିର୍ବାଣ ପ୍ରାପ୍ତିର ଦ୍ୱାର ହେଉଛି ଅହିଂସା । ପ୍ରେମମାର୍ଗ ହିଁ ପ୍ରକୃତ ଧର୍ମମାର୍ଗ ।

ଅଶୋକ—(ଉପସ୍ଥିତ ହୋଇ) ବୌଦ୍ଧ ଧର୍ମରେ କ'ଣ ଶୃଙ୍ଖଳାର ସ୍ଥାନ ନାହିଁ କିମ୍ବା ଆଚରଣଗତ ସଂଯମତା ରକ୍ଷା କରାଯାଏ ନାହିଁ ?

ଉପଗୁପ୍ତ—ପରମ କାରୁଣିକ ଭଗବାନ୍ ବୁଦ୍ଧ ସମ୍ରାଟଙ୍କର ମଙ୍ଗଳ କରନ୍ତୁ । ସମ୍ରାଟ ! ବୌଦ୍ଧଧର୍ମ ମାନେ ହିଁ ଆଚରଣର ଧର୍ମ । ଆଚରଣ ଶୁଦ୍ଧତା ବ୍ୟତୀତ ଆଉ କିଛି ଏଥିରେ ନାହିଁ । ପ୍ରେମ ହିଁ ଶୃଙ୍ଖଳା, ପ୍ରେମରକ୍ଷା ହିଁ ଶୃଙ୍ଖଳା ରକ୍ଷା ।

ଅଶୋକ—ଯାହାର ସ୍ଥାନ-କାଳ-ପାତ୍ରର ବିଚାର ନାହିଁ, ସେ କି ଆଚରଣ-ଧର୍ମ ପାଳନ କରିବ ? ବୌଦ୍ଧଭିକ୍ଷୁମାନଙ୍କର କାଣ୍ଡଜ୍ଞାନ ଏତେ କମ୍ । ପ୍ରଥମେ ନିଜର ଆଚରଣ ମାର୍ଜନ କରନ୍ତୁ, ତା'ପରେ ଧର୍ମ ବିଷୟରେ ମହାବକ୍ତୃତା ଝାଡ଼ିବେ ।

ଉପଗୁପ୍ତ—ଅପରାଧ ମାଫ୍ କରିବେ ସମ୍ରାଟ । ଆଚରଣଗତ ତ୍ରୁଟି ଯଦି ଲକ୍ଷ୍ୟ କରିଛନ୍ତି, ତା'ହେଲେ ପ୍ରକାଶ କରନ୍ତୁ ।

ଅଶୋକ—ସୁଯୋଗ ମିଳିଛି ବୋଲି ରାଜପ୍ରାସାଦରେ ପ୍ରବେଶ କରି ରାଜମହିଷୀଙ୍କୁ 'ପ୍ରେମ' ଉପରେ ଟିପ୍ପଣୀ ଦେବାର ସାହସ ତ କିଛି କମ୍ ନୁହେଁ ।

ଉପଗୁପ୍ତ—(କାନରେ ହାତ ଦେଇ) ଭଗବାନ୍ ବୁଦ୍ଧ ସମ୍ରାଟଙ୍କର ମନ ଓ ହୃଦୟକୁ ଆଲୋକିତ କରନ୍ତୁ । ପ୍ରାଣ ପ୍ରେମମୟ ହେଉ । ସାରା ସାମ୍ରାଜ୍ୟରେ ପ୍ରେମର ଶାସନ ଚାଲୁ ।

ଅଶୋକ—ଶାସନ ବିଷୟରେ ମନ୍ତବ୍ୟ ଦେବାର ଅଧିକାର ଜଣେ ଭିକ୍ଷୁର ନାହିଁ । ସେ ପ୍ରକାର ଅନଧିକାର ଚର୍ଚ୍ଚା କଲେ ମଗଧ ସିଂହାସନ କ୍ଷମା ଦେବ ନାହିଁ ।

ଦେବୀ—ସମ୍ରାଟ ବିଚାରଶୀଳ । ସ୍ୱାଧୀନ ଧର୍ମାଚରଣରେ ସୁଯୋଗ ସେ ରାଜମହିଷୀଙ୍କୁ ଦେଇଛନ୍ତି । ଭିକ୍ଷୁଶ୍ରେଷ୍ଠ ଭଗବାନ ବୁଦ୍ଧଙ୍କର ମହାନ୍ ମତ, "ସତ୍ୟ, ଅହିଂସା, ପ୍ରେମ" ବିଷୟରେ ବୁଝାଉଛନ୍ତି । ତା'ଭିତରେ କିଛି ଅସ୍ୱାଭାବିକତା ଥିଲେ କ୍ଷମା ଦେବେ ସମ୍ରାଟ ।

Digitized by srujanika@gmail.com

ଅଶୋକ—ମହାରାଣୀ, ଏହା କ୍ଷାତ୍ର ବୃତ୍ତିର ବିରୁଦ୍ଧାଚରଣ କରୁଛି । ଭିକ୍ଷୁଶ୍ରେଷ୍ଠ ଯେଉଁ ମିଠା କଥା କହୁଛନ୍ତି ତାହା ଶାସନ-ପରମ୍ପରାକୁ ଦୁର୍ବଳ କରିଦେବ । ମୌର୍ଯ୍ୟ ସାମ୍ରାଜ୍ୟକୁ ଦୋହଲାଇଦେବାପାଇଁ ଏହା ଏକ ଗୁପ୍ତ ଷଡ଼ଯନ୍ତ୍ର ବୋଲି ମୁଁ ବିଶ୍ବାସ କରେ ।

ଉପଗୁପ୍ତ—କ୍ଷମା ଦେବେ ସମ୍ରାଟ । ଏ ପ୍ରକାର ଦୁର୍ଭାବନା ମନମଧ୍ୟରେ ପ୍ରବେଶ କରାନ୍ତୁ ନାହିଁ ।

ଯଥା ଅଗାରଂ ଦୁଚ୍ଛନ୍ନଂ ବୁଟ୍ଠି ସମତି ବିଜ୍ଝାତି
ଏବଂ ଅଭାବିତଂ ଚିତ୍ତଂ ରାଗୋ ସମତି ବିଜ୍ଝାତି ।

ସମ୍ରାଟ ! ଯେଉଁ ଗୃହଟି ଉତ୍ତମରୂପେ ଆଚ୍ଛାଦିତ ନୁହେଁ, ତାହା ଛିଦ୍ରଯୁକ୍ତ, ସେଥିରେ ବୃଷ୍ଟିଜଳ ପ୍ରବେଶ କରିଥାଏ । ସେହିପରି ଯେଉଁ ଚିତ୍ତ ସୁଭାବନାଦ୍ୱାରା ଆଚ୍ଛାଦିତ ନୁହେଁ, ସେଥିରେ କ୍ରୋଧ, ଅହଙ୍କାର, ଦ୍ୱେଷ, ମୋହ, ପ୍ରବେଶ କରେ । ତେଣୁ ସୁଚିନ୍ତା ଚିତ୍ତ-ଶକ୍ତି ବର୍ଦ୍ଧନ କରେ । ସୁଭାବନାର ଆଶ୍ରୟ ନିଅନ୍ତୁ ।

ଅଶୋକ—ଏ ମିଠାବାକ୍ୟ କାହାପ୍ରତି ଉଦ୍ଦିଷ୍ଟ ।

ଉପଗୁପ୍ତ—ଜଗତଜନର ମଙ୍ଗଳପାଇଁ ।

ଅଶୋକ—ମନେ ରଖନ୍ତୁ ଭିକ୍ଷୁ, ରାଜପ୍ରାସାଦକୁ ଆଜି ଆସିବାର ଆବଶ୍ୟକତା ନାହିଁ । ରାଜପ୍ରାସାଦରେ ରାଜପରିବାର ରହନ୍ତି । ଜନପଥରେ ଏ ଭାଷଣ ଦେଲେ ଜଗତଜନର ମଙ୍ଗଳ ହେବ । ହୁଁ···(କ୍ରୋଧ କଂପିତ ହୋଇ ପ୍ରସ୍ଥାନ) ।

ଦେବୀ—(ନମ୍ର କଣ୍ଠରେ) ହେ ମହାନ୍ ! ସମ୍ରାଟଙ୍କର ହୃଦୟ ପରିବର୍ତ୍ତନପାଇଁ ଶୁଭାଶିଷ ଦିଅନ୍ତୁ ।

ଉପଗୁପ୍ତ—ମଣିଷଭିତରେ ପଶୁତ୍ୱ ଦେବତ୍ୱ ଉଭୟ ଅଛି । ପଶୁତ୍ୱର କଠିଣ ଆବରଣ ତଳେ ଚାପି ହୋଇ ଦେବତ୍ୱ ରହିଥାଏ । ତା'ଭିତରେ ଫାଟ ସୃଷ୍ଟି ହେଲେ ଦେବତ୍ୱ ବାହାରକୁ ଝାଙ୍ଗାରି ଆସି ହୃଦୟକୁ ପ୍ଲାବନ କରେ ଓ ପଶୁତ୍ୱ ତାରଭିତରେ ବୁଡ଼ିଯାଏ । ପରମ କାରୁଣିକ ତଥାଗତ ବୁଦ୍ଧଙ୍କର ସେ ପବିତ୍ର ଆଶୀର୍ବାଦ ନିଶ୍ଚୟ ମିଳିବ ।

ଦେବୀ—ହେ ମହାନ୍ ସନ୍ନ୍ୟାସି ! ମୁଁ ସମ୍ରାଟଙ୍କଭିତରେ ରୁକ୍ଷତା ଯେତିକି ଦେଖିଛି କୋମଳତା ମଧ୍ୟ କିଛି କମ୍ ଦେଖିନି । କୋମଳତା ନ ଥିଲେ ସ୍ୱାଧୀନ ଧର୍ମାଚରଣର ସୁଯୋଗ ମୋତେ ମିଳି ନ ଥାନ୍ତା ।

Digitized by srujanika@gmail.com

ଉପଗୁପ୍ତ—ମହାଦେବ ! ଏ ସଂସାରରେ ଯେଉଁ ଜିନଷ ଯେତେ କଠିଣ, ତାହା ସେତେ ଭଙ୍ଗପ୍ରବଣ। ସେଥିରେ ଥରେ ଫାଟ ସୃଷ୍ଟି ହେଲେ, ତାହା ଆଉ ଯୋଡ଼ହୁଏ ନା । ସମ୍ରାଟଙ୍କ ରୁକ୍ଷତାର କଠିଣ ଶିଳାସ୍ତର ନିଶ୍ଚୟ ଫାଟିଯିବ। କରୁଣା କୋମଳତାର ଜଳ-ପ୍ଲାବନରେ ହୃଦୟ ଦ୍ରବୀଭୂତ ହେବ। ସମୁଦ୍ର ଗର୍ଭରେ ପାହାଡ଼ ଆତ୍ମଗୋପନ କଲା-ପରି ରୁକ୍ଷତା ତାରଲ୍ୟରେ ମଗ୍ନ ହେବ। ଏହାହିଁ ଜୀବନର ସତ୍ୟ, ବଧିର ବିଧାନ, ଆଲୋକ ଲାଭପାଇଁ ଆଶାବାଦୀ ହୁଅନ୍ତୁ ।

ଦେବୀ—"ବୁଦ୍ଧଂ ଶରଣଂ ଗଚ୍ଛାମି" ।

ଉପଗୁପ୍ତ—ତା'ର ଅନ୍ତର୍ନିହିତ ଅର୍ଥ ବୁଝିଛନ୍ତି ମହାଦେବ !

ଦେବୀ—କୁହନ୍ତୁ ସନ୍ନ୍ୟାସୀ ।

ଉପଗୁପ୍ତ--ବୁଦ୍ଧ କେବଳ ଗୌତମବୁଦ୍ଧଙ୍କୁ ବୁଝାଏ ନାହିଁ । ତାଙ୍କପରି ଯେଉଁମାନେ ବୋଧିପ୍ରାପ୍ତ ବା ଆଲୋକପ୍ରାପ୍ତ ହୋଇଛନ୍ତି, ସେମାନେ ବି ବୁଦ୍ଧ । ମଣିଷ ଆଲୋକିତ ବ୍ୟକ୍ତିଭିର ଶରଣାପନ୍ନ ହେଲେ ଜୀବନର ସମସ୍ତ ଦୁଃଖ ଦୂର ହୋଇପାରିବ ।

ଦେବୀ—ଦୟାକରି "ସଂଘ" ବିଷୟରେ କିଛି କୁହନ୍ତୁ ।

ଉପଗୁପ୍ତ—ମହାଦେବୀ "ସଂଘ"ର ଅର୍ଥ ସମଷ୍ଟି । ଏହାର ଅର୍ଥ, ସମାନ ଦୃଷ୍ଟି-କୋଣ, ସମାନ ଆଦର୍ଶ ଓ ସମଚିନ୍ତନ ବ୍ୟକ୍ତିଙ୍କର ଏକତ୍ରୀକରଣ ହେଉଛି ସଂଘ । ସଂଘର ଆଶ୍ରୟ ନେଲେ ମନୁଷ୍ୟର ଶତଶକ୍ତି ସବଳହୁଏ। ମାନବ ସମାଜର ଶାନ୍ତି ଓ ସମୃଦ୍ଧିପାଇଁ ପରମ କାରୁଣିକ ଭଗବାନ ବୁଦ୍ଧଙ୍କର ଏହି ତିନୋଟି ବିଶ୍ୱପାଇଁ ମହାନ୍ ଦାନ।

ଦେବୀ—ହେ ଦିବ୍ୟ ଦ୍ରଷ୍ଟା, ଏହି ମହାମନ୍ତ୍ର ବିଶ୍ୱର ପ୍ରତିକୋଣକୁ ପ୍ରଚାରିତ ହେବା ଦରକାର। ଏହାର ବହୁଳ ପ୍ରଚାର ଆବଶ୍ୟକ। ପୃଥିବୀର କୌଣସି ଧର୍ମମତସହିତ ଏହାର ଆଦର୍ଶଗତ ସଂଘର୍ଷ ହେବାର ଆଶଙ୍କା ନାହିଁ।

ଉପଗୁପ୍ତ—ଏ ଦିଗରେ ମହାଦେବୀଙ୍କର ବି କିଛି ଅବଦାନ ଅଛି । ସେ ଏଥିପାଇଁ ପ୍ରତିଜ୍ଞା କରନ୍ତୁ ।

ଦେବୀ—ହେ ସନ୍ନ୍ୟାସି ! ମୁଁ ନିଜକୁ ଏହି ମହାସତ୍ୟର ପ୍ରଚାରପାଇଁ ଉତ୍ସର୍ଗ କରୁଛି। ମୋର ଶିଶୁପୁତ୍ର "ମହେନ୍ଦ୍ର" ଓ କନ୍ୟା "ସଂଘମିତ୍ରା"ଙ୍କୁ

Digitized by srujanika@gmail.com

ମଧ୍ୟ ଏଥିପାଇଁ ଅର୍ପଣ କରୁଛୁ । ମୋର ଏହି ଶୁଭ ଅଭିଳାଷ ଆପଣଙ୍କର ଆଶୀର୍ବାଦ ଲାଭ କରୁ ।

ଉପଗୁପ୍ତ—ଭଗବାନ ବୁଦ୍ଧଙ୍କର ଶୁଭାଶିଷ ଆପଣ ଲାଭ କରନ୍ତୁ । ଶୁଭ ଇଚ୍ଛା ଅପୂରଣ ରହେନା, ତାହା ନିଶ୍ଚୟ ପୂରଣ ହେବ ।

ଦେବୀ—ମହାମାନ୍ୟ ସମ୍ରାଟଙ୍କର ହୃଦୟ ପରିବର୍ତ୍ତନପାଇଁ ଆପଣଙ୍କ ଆଶିଷ ମାଗୁଛୁ ।

ଉପଗୁପ୍ତ—ମହାଦେବୀ ! ବ୍ୟସ୍ତ ହେବାର କିଛି ନାହିଁ, ଏ ସଂସାର ପରିବର୍ତ୍ତନ-ଶୀଳ । ମଣିଷର ଜୀବନ ପରିବର୍ତ୍ତନର ଏକ କ୍ରମପରିଣତି । ତାହା ଆପେ ଆସିବ । ରୁକ୍ଷତାର ବରଫପାହାଡ଼ ତରଳିବାକୁ ଆରମ୍ଭକଲେ କରୁଣା ଓ କୋମଳତାର ଏକ ପବିତ୍ର ଗଙ୍ଗା ସୃଷ୍ଟି ହେବ । ସେ ସମୟକୁ ଅପେକ୍ଷା କରନ୍ତୁ ।

ଦେବୀ—(ଦୀର୍ଘ ନିଶ୍ୱାସ ପକାଇ) ଗୋଟାଏ ଅଘଟଣ ଘଟିବାର ପୂର୍ବାଭାସ ମୋତେ ମିଳୁଛି ସେଥିପାଇଁ ମୁଁ ମୋର ମାନସିକ ଶାନ୍ତି ହରାଇଛି । ଈଶ୍ୱରଙ୍କ ବ୍ୟତୀତ ଆଉ କେହି ଏ ଦିଗରେ ସାହାଯ୍ୟ କରି ପାରିବେ ନାହିଁ । ସେ ହିଁ ସହାୟ ।

ଉପଗୁପ୍ତ—ଏଁ, ଅଘଟଣ ?? କି ସୂଚନା ପାଇଛନ୍ତି ଆପଣ ?

ଦେବୀ—ମୁଁ ଶୁଣିଛି, କଳିଙ୍ଗର ରାଜମହିଷୀ କାରୁବାକୀଙ୍କୁ ଲାଭ କରିବା ଲୋଭରେ 'କଳିଙ୍ଗବିଜୟ' ପ୍ରସ୍ତାବ ଖୁବ୍ ନିକଟରେ କାର୍ଯ୍ୟକାରୀ ହେବାକୁ ଯାଉଛି । ମୋର ପ୍ରତିବାଦ ଅତ୍ୟନ୍ତ କ୍ଷୀଣ । ଅଶ୍ରୁଧାର ଉଆସରେ ଆନ୍ତରିକତାର ଅଭିନୟ ଆଉ କେତେ ଦିନ ଚାଲିବ ।

ଉପଗୁପ୍ତ—(କିଛି ସମୟ ନୟନ ନିମୀଳିତାର) ମୁଁ ଗୋଟାଏ "ମହାସଂହାର" ସୂଚନା ପାଉଛି । ପ୍ରଳୟଭିତରୁ ଯେପରି ସର୍ଜନାର ସୂତ୍ରପାତ ହୁଏ ବୋଧହୁଏ ସେହିପରି ଏହି ମହାପ୍ରଳୟଭିତରେ କିଛି ମହାନ୍ ଘଟଣା ସଂଘଟିତ ହେବାକୁ ଯାଉଛି । ପରମ କାରୁଣିକ ଭଗବାନ ବୁଦ୍ଧ ସହାୟ ହେବେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ସପ୍ତମ ଦୃଶ୍ୟ

[ଅନ୍ଧକାର ମଞ୍ଚର ପର୍ଦ୍ଦା ଅନ୍ତରାଳରୁ ଖଡ୍‌ଗଝନ୍‌ଝନାର ଝଣତ୍କାର ଶବ୍ଦ, ଆର୍ତ୍ତଚିତ୍କାର ଶୁଣାଯାଉଛି । ଏସମସ୍ତ ରାଜଅନ୍ତଃପୁରରେ ସଂଘଟିତ ହେଉଛି ।]

ସ୍ୱର—ଆଃ...ମରିଗଲି, ମରିଗଲି, ରକ୍ଷା କର, ରକ୍ଷା କର ।
(ଭୟଙ୍କର ଏକ ଆର୍ତ୍ତଚିତ୍କାର । ତା'ପରେ ଶୂନ୍‌ଶାନ୍, ଶୁଣାଗଲା ଏକ ବିକଟାଳ ହସ)

ସ୍ୱର—ହାଃ...ହାଃ · ହାଃ, କେହି ରକ୍ଷା କରିପାରିବେ ନାହିଁ । ଚଣ୍ଡାଶୋକ ମୃତ୍ୟୁକୁ ବି କ୍ଷମା ଦିଏନା ।

ନାରୀଙ୍କ ସ୍ୱର—ସମ୍ରାଟ ! ତମେ ପରା ତମ ପ୍ରଜାଙ୍କର ପ୍ରତିନିଧି । ତମର ଜୀବନ ହିଁ ପ୍ରଜାର ଜୀବନ । ତମେ ତମ ପ୍ରଜାପୁଞ୍ଜର ରକ୍ଷକ । ରକ୍ଷକ ଭକ୍ଷକ ହେଲେ ଏ ସାମ୍ରାଜ୍ୟ ରହିବ ? ହୃଦୟକୁ ଉଦାର କର ସମ୍ରାଟ ।

ଅଶୋକ—(ମଞ୍ଚ ଉପରେ ଆଲୋକ ଓ ଅନ୍ଧକାରର ଏକ ପାତଳ ପର୍ଦ୍ଦାଭିତରେ) ହୃ ··ଦ ··ୟ ···ହାଃ··· ହାଃ··· ହାଃ ··। ରାଜଧର୍ମରେ ହୃଦୟ ଗୋଟାଏ ଅବରୁଦ୍ଧ ଦୁର୍ଗ । ସେଥିରେ ସାଇତା ହୋଇଥିବା ଅସ୍ତ୍ର ଗୁଡ଼ାକ କେଉଁ ଅନାଦି ଅନନ୍ତ କାଳରୁ କଳଙ୍କି ଲାଗି ସେହିପରି ପଡ଼ିଛି । ଏ ମଣିଷ ଜାତିଟା ଥିବାଯାଏ ସେ ଦୁର୍ଗ ଖୋଲିବନି କି ସେ ଅସ୍ତ୍ରସବୁ ଶାଣିତ ହେବନି ନାହିଁ ।

(ମଞ୍ଚ ପର୍ଦ୍ଦାଉପରେ ଝଲସି ଉଠିଲା ଆଲୋକ ରେଖା)
"ତରବାରିର୍ ଜୟ ପ୍ରକୃତ ଜୟ ନୁହେଁ ।"

(ନେପଥ୍ୟରୁ ଶୁଣାଗଲା)

ବୁଦ୍ଧଂ ଶରଣଂ ଗଚ୍ଛାମି
ଧମ୍ମଂ ଶରଣଂ ଗଚ୍ଛାମି
ସଂଘ ଶରଣଂ ଗଚ୍ଛାମି ।

Digitized by srujanika@gmail.com

(ଅସ୍ପଷ୍ଟ ଆଲୋକଭିତରେ ମଞ୍ଚଦେଇ ଅପସରିଗଲେ ତିନୋଟି ଛାୟାମୂର୍ତ୍ତି । ପୀତବସ୍ତ୍ରାବୃତା ଏକ ନାରୀ, ଗୋଟିଏ ବାଳକ ଓ ଗୋଟିଏ ବାଳିକା)

[ମଞ୍ଚ ଆଲୋକିତ ହେଲା ଅନ୍ତଃପୁର । ଅଶୋକ ଭାବମଗ୍ନ ତଥା ବିଚଳିତ ଅବସ୍ଥାରେ ପଦଚାରଣା କରୁଛନ୍ତି । ଶୂନ୍ୟଦୃଷ୍ଟିରେ ସେ ଏପାଖ ସେପାଖ ଚାହୁଁଛନ୍ତି । କାନ୍ଥରେ ଦୋଳାୟିତ ଚିତ୍ରପଟ । ରାଣୀ ମହାଦେବୀ, କନ୍ୟା ସଂଘମିତ୍ରା, ପୁତ୍ର ମହେନ୍ଦ୍ର । ତଳେ ଲେଖାଅଛି—"ମାନବ ଧର୍ମ ପାଳନପାଇଁ ଆମେ ମୁକ୍ତି ପଥରେ ଯାତ୍ରା କରିଛୁ ।"]

ଅଶୋକ—(ଉଦ୍‌ଗତ ଅଶ୍ରୁଧାର ପୋଛି) ମୁକ୍ତି, କି ଅବାନ୍ତର କଳ୍ପନା । ସୃଷ୍ଟି, ସ୍ଥିତି, ଲୟ—ଏଇ ତିନୋଟି ମହାସତ୍ୟପରେ ଆଉ କ'ଣ କିଛି ସତ୍ୟ ଥାଇପାରେ ? ଏ ସଂସାରଟା ମତ୍ସ୍ୟନ୍ୟାୟରେ ଚାଲିଛି । ଏହାହିଁ ଜୀବନ ଧାରଣପାଇଁ ଏକମାତ୍ର ସତ୍ୟ । ସୃଷ୍ଟି ଆରମ୍ଭ ହେଲାଦିନଠାରୁ ସବଳ ଦୁର୍ବଳକୁ ଖାଇ ବଞ୍ଚିଛି । ସୃଷ୍ଟି ଥିବାପର୍ଯ୍ୟନ୍ତ ଏହି ମହାସତ୍ୟ ପ୍ରମାଣିତ ହୋଇ ଚାଲିଥିବ । ମୃତ୍ୟୁ ··ମୃତ୍ୟୁ ହିଁ ଏକମାତ୍ର ମୁକ୍ତିର ପଥ । ପୃଥିବୀର ଯେତେ ଧର୍ମ, କେବେ କାହାକୁ ମୁକ୍ତି ଦେଇନାହିଁ । ମଣିଷ ସେଇ କାଳ୍ପନିକ ମୁକ୍ତିପାଇଁ ଧର୍ମପଛରେ ପାଗଳ । ଠିକ୍ ଅଛି ଦେବି ! ତୁମେ ତୁମ ପରୀକ୍ଷାର ପ୍ରମାଣପରେ ନିଶ୍ଚୟ ଠିକ୍ ବାଟକୁ ଫେରିଆସିବ । ମୋର ଧର୍ମାଚରଣପାଇଁ ମୁଁ ସ୍ୱାଧୀନତା ଦେଇଥିଲି । ପିଲା ଦୁଇଟାର ଜୀବନକୁ ଛାରଖାର କଲି କାହିଁକି ? ମନେରଖ, "ପଳାୟନ ଜୀବନର ଧର୍ମ ନୁହେଁ" ।

(ନେପଥ୍ୟରୁ ଶୁଣାଗଲା)

ବୁଦ୍ଧଂ ଶରଣଂ ଗଚ୍ଛାମି ।

ଅଶୋକ—(ଚିତ୍କାର କରି) ନା ··ନା···କୁହ "କ୍ରୋଧଂ ଶରଣଂ ଗଚ୍ଛାମି ।"

ସ୍ୱର—"ଧମ୍ମଂ ଶରଣଂ ଗଚ୍ଛାମି ।"

ଅଶୋକ—କେବେ ନୁହେଁ, କୁହ····କୁହ "ଖଡ୍‌ଗଂ ଶରଣଂ ଗଚ୍ଛାମି ।"

ସ୍ୱର—ସଂଘ ଶରଣଂ ଗଚ୍ଛାମି ।

ଅଶୋକ—ଆରେ ବେକୁଫ୍, କହ "ଭାଗ୍ୟଂ ଶରଣଂ ଗଚ୍ଛାମି ।"

ହାଃ····ହାଃ····ହାଃ

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ଅଷ୍ଟମ ଦୃଶ୍ୟ

[ମଞ୍ଚ ଆଲୋକିତ ହେଲା । ଅଶୋକ ସିଂହାସନରେ ବସିଛନ୍ତି । ଚିନ୍ତାମଗ୍ନ । ଦୂତ ପର୍ଦ୍ଦା ସମୀପରେ ଛିଡ଼ାହୋଇ କହିଲା ।]

ଦୂତ—ମହାମହିମ ସମ୍ରାଟଙ୍କର ଜୟ ହେଉ । ଶ୍ରୀଚରଣେ ପ୍ରଣାମ ମହିମା ।

ଅଶୋକ—କ'ଣ କହୁ ଜଣାଇବାର ଥିଲା ?

ଦୂତ—କଳିଙ୍ଗ ବଣିକମାନେ ମୌର୍ଯ୍ୟ ବଣିକମାନଙ୍କର ବାଣିଜ୍ୟତରୀ ଲୁଣ୍ଠନ କରିଛନ୍ତି । ସେମାନଙ୍କୁ ବନ୍ଦୀ କରିଛନ୍ତି ମଧ୍ୟ ।

ଅଶୋକ—ଆସ୍ପର୍ଦ୍ଧା ତ କମ ନୁହେଁ । ସିଂହର ସାମ୍ରାଜ୍ୟରେ ଶୃଗାଳର ଉତ୍ପାତ । ସେନାପତିଙ୍କୁ କୁହ, କଳିଙ୍ଗ ବିଜୟପାଇଁ ପ୍ରସ୍ତୁତ ହେବେ । ମହାମନ୍ତ୍ରୀଙ୍କୁ କୁହ ମୋତେ ସାକ୍ଷାତ କରିବେ ।

ଦୂତ—ସମ୍ରାଟଙ୍କର ଜୟ ହେଉ । (ପ୍ରସ୍ଥାନ)

ଅଶୋକ—(ସ୍ୱଗତ) କଳିଙ୍ଗର ଔଦ୍ଧତ୍ୟକୁ ଶାସନ କରିବାକୁ ହେବ । ମୌର୍ଯ୍ୟ ସାମ୍ରାଜ୍ୟର ଶାଳୀନତାକୁ କଳିଙ୍ଗବାସୀ ଦୁର୍ବଳତା ବୋଲି ବିଚାର କରନ୍ତି । ଠିକ୍ ଅଛି ।

ମନ୍ତ୍ରୀ—(ପ୍ରବେଶ କରି) ପ୍ରଣାମ ଗ୍ରହଣ କରନ୍ତୁ ସମ୍ରାଟ, ଆଦେଶ ଦିଅନ୍ତୁ ।

ଅଶୋକ—ଶୁଣିଲେଣି ମହାମନ୍ତ୍ରି ! କଳିଙ୍ଗ ବଣିକମାନଙ୍କର ଉତ୍ପାତ ଦିନକୁ ଦିନ ଅସହ୍ୟ ହେଲାଣି । କଳିଙ୍ଗ ବିଜୟପାଇଁ ପ୍ରସ୍ତୁତ ହେବାକୁ ସେନାପତିଙ୍କୁ ନିର୍ଦ୍ଦେଶ ଦେଇଛି । ଆପଣ ପ୍ରସ୍ତୁତ ହୁଅନ୍ତୁ ।

ମନ୍ତ୍ରୀ—ମହିମା ! ସାଧୁ....ସାଧୁ ପ୍ରସ୍ତାବ । ଏକ ବିଚାରବନ୍ତ ପ୍ରସ୍ତାବ, ତେବେ......

ଅଶୋକ—ତେବେ ପୁଣି କ'ଣ । ସିଦ୍ଧାନ୍ତ ପାଖରେ "ଯେବେ" "ତେବେ"ର ବିଚାର ନ ଥାଏ । ସିଦ୍ଧାନ୍ତ....ସିଦ୍ଧାନ୍ତ । ସମାଧାନ ହିଁ ତା'ର ଚରମ ପରିଣତି ।

ମନ୍ତ୍ରୀ—ମହିମାଙ୍କର ନିର୍ଦ୍ଦେଶ ହିଁ ଜୀବନ ବିନିମୟରେ କାର୍ଯ୍ୟକାରୀ ହେବ । ସମୟର ସ୍ୱଳ୍ପତାଦୃଷ୍ଟିରୁ କହିଥିଲି ମହିମା ।

Digitized by srujanika@gmail.com

ଅଶୋକ—ଅନେକ ସମୟରେ, ସମୟର ବିପୁଳତା ହିଁ ସଫଳତାର ସମ୍ଭାବନାକୁ ପରାହତ କରିଥାଏ । ଶୁଭ ସମୟ ବେଶି ସମୟ ରହେନା । ଆବଶ୍ୟକ ମୁହୂର୍ତ୍ତ ନ ଆସିଲେ କୌଣସି ଘଟଣା ଘଟେ ନାହିଁ ।

ମନ୍ତ୍ରୀ—ମୁଁ ମଧ୍ୟ ସେଇକଥା ଭାବୁଛି । ସମ୍ରାଟ ଚନ୍ଦ୍ରଗୁପ୍ତ ଥିଲେ ପରମ ପରାକ୍ରାନ୍ତ । ସେ ନନ୍ଦବଂଶ ଧ୍ୱଂସ କରିଥିଲେ । ଗ୍ରୀକ୍ ସେନାପତିଙ୍କୁ ଚରମ ପରାଭବ ଦେଇ ବହିଷ୍କାର କରିପାରିଲେ । ଅଥଚ ମଗଧ ସାମ୍ରାଜ୍ୟର ସୀମାକୁ ଲାଗିଥିବା କଳିଙ୍ଗ ସାମ୍ରାଜ୍ୟକୁ ନିଜର ଅକ୍ତିଆରକୁ ଆଣିପାରି ନ ଥିଲେ । ସେ ସମୟଟା ଆଜ ଏତେଦିନ ପରେ ଆସିଛି ।

ଅଶୋକ—ନିଶ୍ଚୟ । ଅତୀତର ଅସମ୍ଭବଟା ଥିଲା ଭାବୀ ସମ୍ଭାବନାର ପ୍ରସ୍ତୁତି ପର୍ବ । ମୋର ଧାରଣା ସମ୍ରାଟ ଚନ୍ଦ୍ରଗୁପ୍ତ ଆଉ ସମ୍ରାଟ ବିନ୍ଦୁସାର ରାଜ୍ୟ ପୁନର୍ଗଠନଉପରେ ଅଧିକ ଦୃଷ୍ଟି ଦେଇଥିଲେ । କଳିଙ୍ଗ-ଭୂମିଟା ସେମାନଙ୍କୁ ଉପଯୁକ୍ତ ନ କଲେ ବି ବୋଧହୁଏ ବିବ୍ରତ କରୁଥିଲା ।

ମନ୍ତ୍ରୀ—ମହାଭାଗ ! ସେ ଭୂମିଟା ଅରିକୁଳ ବିମର୍ଦ୍ଦକ ପ୍ରଚଣ୍ଡ ପ୍ରତାପଶାଳୀ ସମ୍ରାଟ ଅଶୋକଙ୍କୁ ଭୟଭୀତ କରିପାରିବ ନାହିଁ ।

ଅଶୋକ—ମହାମନ୍ତ୍ରି ! ସମ୍ରାଟ ଅଶୋକ ଭୂମିକୁ ଭୟ କରନ୍ତି ନାହିଁ; କିନ୍ତୁ ଭୟକୁ ଭୂମି ବୋଲି ଭାବି ତାକୁ ପରିହାର କରନ୍ତି । ମୋର ମନେହୁଏ, କଳିଙ୍ଗ ସାମାନ୍ୟ ନୁହେଁ, କିନ୍ତୁ ତାକୁ କରାଗତ କରିବାର ସୁଯୋଗ ଯଦି ପଡ଼ିଅଛି ତା'ର ଯଥାର୍ଥ ବିନିଯୋଗ କରାଯିବ ନାହିଁ କାହିଁକି ?

ମନ୍ତ୍ରୀ—ମୁଁ ସମ୍ବାଦ ପାଇଛି, ବର୍ତ୍ତମାନ କଳିଙ୍ଗବାହିନୀ ନିଜ ରାଜ୍ୟଠାରୁ ବହୁତ ଦୂରରେ ଅଛନ୍ତି, ପରାକ୍ରାନ୍ତ ମୌର୍ଯ୍ୟବାହିନୀର ସମ୍ମୁଖ ମୁକାବିଲାପାଇଁ ସେମାନଙ୍କର ସୁଯୋଗ ନାହିଁ ।

ଦୂତ—(ପ୍ରବେଶ କରି) ସମ୍ରାଟଙ୍କର ଜୟ ହେଉ ।

ଅଶୋକ—କି ବାର୍ତ୍ତା ନେଇ ଆସିଛ ଦୂତ ?

ଦୂତ—ମୌର୍ଯ୍ୟବାହିନୀ ପ୍ରସ୍ତୁତ ମହିମା ।

ଅଶୋକ—ଆସନ୍ତୁ ମହାମନ୍ତ୍ରି ! ମାହେନ୍ଦ୍ର ମୁହୂର୍ତ୍ତ ମଣିଷକୁ ଅପେକ୍ଷା କରେନା । ଅଭିଯାନ ଆରମ୍ଭ କରିବା ।

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ନବମ ଦୃଶ୍ୟ

[ମଞ୍ଚର ପର୍ଦ୍ଦାରେ ଆଲୋକ-ଅକ୍ଷରରେ ଭସିଉଠିଲା]

✳ କଳିଙ୍ଗଯୁଦ୍ଧ

[ତା'ପରେ ମଞ୍ଚ ଘୁମ୍ମାଭରା । କଳିଙ୍ଗ ରାଜଧାନୀ ତୋଷାଳୀ । ଅନତି ଦୂରରେ କଳିଙ୍ଗ ତଥା ମଗଧର ସୈନ୍ୟମାନଙ୍କମଧ୍ୟରେ ଲଢ଼େଇ ଚାଲିଛି । ଅନ୍ତରାଳରେ ଖଡ୍ଗର ଝଣତ୍କାର । ଆକୁଳ ବିକଳ ଚିତ୍କାର । ମୁମୂର୍ଷୁର ଆର୍ତ୍ତ କୁହାଟ । ମଞ୍ଚଉପରେ ପଡ଼ିଛି ଖଡ୍ଗ, ଢାଲ, ସାଞ୍ଜୁ ଇତ୍ୟାଦି । ଖଣ୍ଡ ବିଖଣ୍ଡ ହାତ, ଗୋଡ଼, ମୁଣ୍ଡ, କବନ୍ଧ । ଆପାଦଆବୃତ ବସ୍ତ୍ରାଭରଣଭିତରେ ଛଦ୍ମବେଶୀ ଅଶୋକ ରଣଭୂମିରେ ପଦଚାରଣ କରୁଛନ୍ତି ।]

ଜଣେ ସୈନିକ—ଓଃ, ଓଃ ଭଗବାନ୍ । ନେଇଯାଅ, କାହିଁ ସେହି ଶୃଗାଳ ଅଶୋକ। ତାକୁ ପାଖରେ ପାଇଲେ ତା' ତଣ୍ଟି ଝୁଣି ରକ୍ତ ପିଇଯାଆନ୍ତି ।

ଜଣେ ସୈନିକ—କାହିଁ....ମୋ ଖଣ୍ଡା କାହିଁ ? ମୋ ଖଣ୍ଡା କାହିଁ ? ସେ ମଗଧ ଶୃଗାଳଟା ଛଟପଟ ହେଉଛି । ତା ହାତ ଦିଇଟା କଟିଯାଇଛି, ତା' ଖଣ୍ଡାଟା ପଡ଼ିଛି, ଆଣ, ମୋତେ ଦିଅ ମୁଁ ତାକୁ ଶେଷ କରିଦିଏ । ନିଜେ ବି ଯନ୍ତ୍ରଣାରୁ ଶେଷ ପାଇଯାଏ ।

ମଗଧ ସୈନିକ—ଭାଇ ! ମୋତେ ଆଗେ ମାରିଦିଅ, ତା'ପରେ ମୋ ଖଣ୍ଡାଟା ନେବ । ହାତ ଦିଇଟା ଥିଲେ କଣ୍ଟ ନ ଥାନ୍ତା ଭାଇ । ଓଃ.... ଆଉ ସହିପାରିବି ନି, ମୋତେ ମାରିଦିଅ, ମାରିଦିଅ ।

ସ୍ୱର—ଓଃ....ଆଃ....ଆଃ....(ନୀରବ)

ଜଣେ ସୈନିକ—ତାକୁ ରକ୍ଷା କରିଦେଲ । ଅସହ୍ୟ....ଅସହ୍ୟ ଏ ଯନ୍ତ୍ରଣା । ନିଜ ଘାତକୁ ହାତ ଦିଇଟା ଉଠୁନି । ବଡ଼ ଅବାଧ୍ୟ, ବଡ଼ ଅବୋଲକରା । ଶେଷ ମୁହୂର୍ତ୍ତରେ ସମସ୍ତେ ଠକନ୍ତି । ଆଃ...... (ବିକଟାଳ ସ୍ୱର)

ବୃଦ୍ଧାର ସ୍ୱର—(ପର୍ଦାର ପଛପାଖରେ ଗୋଟିଏ ଅନ୍ଧାରକୋଣରେ ଧକ୍କା ଖୋଜିବାର ଉପକ୍ରମ) କାହିଁ....କାହିଁ ମୋର ଜୀବନଧନ । କାହିଁ ମୋର ଅନ୍ଧଲଉଡ଼ି । ଆଖି ଦୁଇଟା ତ ଜଳକା, ଦେଖିବି କପରି ? ବାପା ବଳିଆରେ ! କୋଉଠି ଅଛୁ ? ସମସ୍ତେ ତ ଗଲେ ଶେଷରେ ତୁ ଥିଲୁ ଯେ ଏ ଅନ୍ଧୁଣୀ ମା'ଟାକୁ ଛାଡ଼ି ଚାଲିଗଲୁ । କହ କହ . କୋଉଠି ଶୋଇଚୁ । ମା'ର ଶେଷ ବୋଲକଟିଏ ନେଇଯିବୁ ।

(କ୍ରନ୍ଦନ ସ୍ୱର)

ଜଣେସୈନିକ—ମା ! ମା ! ପାଖକୁ ଆ । ମୁଁ କ'ଣ ତୋର ପୁଅ ନୁହେଁ ? ମୋତେ ବୋଲକଟିଏ ଦେ ମା । ମୋର ସବୁ କଷ୍ଟ ଉଭେଇଯିବ । ଏ ମଶାଣି-ପଡ଼ିଆରେ ଯେତେ ଛଟପଟ ହେଉଚନ୍ତି ସମସ୍ତେ ତୋର ପୁଅ । ତାଙ୍କ ମଲାଦେହରେ ମା'ର ହାତ ବାଜୁ, ପୁଣି ସେମାନେ ଚେଇଁ-ଉଠିବେ । ଆଃ....ମା....ମା.....ମା.... ! !

ବୃଦ୍ଧାର ସ୍ୱର—ତୋ ବଂଶ ବୁଡ଼ଯାଉରେ ମଗଧ କୁକୁର । ଏତେ ଲୋକଙ୍କ ରକତ ପିଇ ପିଇ ତୋ ମନ ଶାନ୍ତ ହେଉନି । କି ଲାଭ ପାଇଲୁ କହ । ଗୋଟାଏ ଜାତିକୁ ବୁଡ଼େଇଦେଇ କି ରଜା ସାଜିବୁ ? ପୋଡ଼ଯାଉ ତୋ ରାଜପଣ, ପୋଡ଼ଯାଉ ତୋ ମଣିଷପଣିଆ । ବିଧାତା ଚତେ କି ଅଶୁଭ ବେଳରେ ଜନମ ଦେଇଥିଲା ମଣିଷ କରି, ହେଲେ ମଣିଷ ହେଲୁନି । ତୋଭଳିଆ ଚଣ୍ଡାଳକୁ ଜନ୍ମଦେଇ, ମା ପେଟ ମାରି ହେଇଗଲାରେ, ମାରି ହେଇଗଲା । (ଅପସରିଯିବା)

(କସ୍ତାବୃତ ଛୁପ୍ପାଛବ ଅଟକ ଯାଇ ତା'ପରେ ଚଞ୍ଚଳ ଗତିରେ ଚାଲିଯିବା)

ସ୍ୱର—ଆଃ....ଆଃ....ଭଗବାନ, ଏ ପ୍ରାଣ ନେଇଯାଅ ।

ଏକ ବାଳକ—(ହାତରେ କଅଁ ଫୁଲ, ଶବସ୍ତୂପ ଉପରୁ ନଜର ବାପକୁ ଖୋଜି ବୁଲୁଚି, କାନ୍ଦ କାନ୍ଦ କହୁଚି) ବା-ପା....ବା-ପା ! ! ତମେ କୁଆଡ଼େ ଗଲ ? ତମକୁ ଝୁରି ଝୁରି ମା ଚାଲିଗଲା । ଭାଇମାନେ ତମ ସାଥିରେ ଗଲେ । ଏ ଛୁଆଟାକୁ କାହା ପାଖରେ ଛାଡ଼ଯାଇଚ ବାପା ? ସେ ଯମକୁ କୁହ ତା'ର ଟଣ ପୂରିବାକୁ ବାକିଥିଲେ ଆମଘର ଛୋଟଛୁଆଙ୍କ ବେକ କାଟିନେଉ । ତା'ର କ'ଣ ଛୁଆ ନାହାନ୍ତି ? ସେ କ'ଣ ବାପ ହେଇନି ? (ପ୍ରସ୍ଥାନ)

(ଛଦ୍ମାଛବ ଚମକପଡ଼ ଅପସରି ଯିବା)

Digitized by srujanika@gmail.com

ନାୟକଣ—(କାନ୍ଦ କାନ୍ଦ) ହେ ମଦନ ବାପା ! ତମେ କୁଆଡ଼େ ଅଛ ! ବଞ୍ଚି ଥିଲେ ମୋ କଥା ଶୁଣ । ତମ ଜଗା ବଳିଆ ବ ପୁଅକୁ ସେ ଯମ ଖାଇଛ । ଖୋଜ ଖୋଜ ମୁଣ୍ଡ ବଇଣା ପାଇଲ । କୋଉଠି ଅଛ ଦେଖ, ଶେଷଥରପାଇଁ ଟିକଏ ଦେଖ । ଏ ଜନମର ହାଟବାଟ ସରଗଲା । ଅଣ୍ଟିରେ ପୂରେଇ ଘରକୁ ନଉଛ ।

ଜଣେ ସୈନିକ—ମା.....ମା....ପାଣି । ଜଗା-ବଳିଆ ଏ ଜାତିକୁ ଜଗେଇଥିଲେ । ତାଙ୍କ ମୁଣ୍ଡ କଟିନ ଯେ ଏ ଜାତିର ମୁଣ୍ଡ କଟିଯାଇଛ । ଉଃ....ପାଣି ପାଣି.... ।

ସ୍ୱର—(ଏକ ଶିଶୁ) ବାପା....ବାପା....ଉଠ । ମା ! ବାପାଙ୍କୁ ଉଠା । ଘରକୁ ଯିବା, ମତେ ଡର ଲାଗୁଛ । ବାପା....ବା....ପା-ଆ ଆ । ମା ! ମା ଆ ଆ ! (କ୍ରନ୍ଦନ କରେ)

ବୌଦ୍ଧ ଭିକ୍ଷୁଣୀ—(ମଞ୍ଚକୁରେ ପ୍ରବେଶ କରି) ତୁ କାହିଁକି କାନ୍ଦୁଛୁରେ ବାପା ! ବାପା ତୋର ଶୋଇଯାଇଛି, ମା ତୋର ଟଳିପଡ଼ୁଛି । ସେମାନେ କ'ଣ ତୋ ଡାକ ଶୁଣିବେ ? ସେମାନେ ଫେରିବେନିରେ ଫେରିବେନି । ଆ....ଆମ ସାଥିରେ ଆ ।

ଶିଶୁସ୍ୱର—(କାନ୍ଦ କାନ୍ଦ) ନା....ନା.... ମୁଁ ତମ ସାଥିରେ ଯିବନି । ବାପା ଉଠିଥିଲେ ଯିବ । ବା....ପା....ଉ....ଠି....ଲେ....ଯି....ବ !!

ବୌଦ୍ଧ ଭିକ୍ଷୁଣୀ— ସୁନାଟାପରି, ଆ । ଅଝଟ ହଅନି । ମୋ ସାଥିରେ ଆ । ତୋ ବାପା-ମା ପଛରେ ଆସିବେ । ଆ, ଆମେ ଘରକୁ ଯିବା ।

ଜଣେ ସୈନିକ—ଆଃ....ମରିଗଲି....ମରିଗଲି । କିଏ ଅଛ, ମୋତେ ମାରିଦିଅ । ମୋତେ ମାରିଦିଅ । ଆଃ....ପ୍ରଭୁ ହେ ଶୀଘ୍ର ଯନ୍ତ୍ରଣାରୁ ରକ୍ଷାକର ।

(ଜଣେ ବୌଦ୍ଧଭିକ୍ଷୁ କହି କହି ପ୍ରବେଶ କଲେ)

ବୁଦ୍ଧଂ ଶରଣଂ ଗଚ୍ଛାମି
ଧମ୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।

ବ୍ୟସ୍ତ ହୁଅନା ଭାଇ । ତଥାଗତ ବୁଦ୍ଧଙ୍କୁ ସ୍ମରଣ କର । ସେ ତୁମର ସମସ୍ତ ଯନ୍ତ୍ରଣା ଦୂର କରିବେ । ଜନ୍ମ ମୃତ୍ୟୁ ସଂସାରର ଖେଳ । ଦିନେ ଜନ୍ମ ଦିନେ ମରଣ । ଏ ସଂସାର ଅସାର ।

Digitized by srujanika@gmail.com

ସୈନିକ—ନା....ନା....ମୃତ୍ୟୁ ଛଡ଼ା ମୋ ଯନ୍ତ୍ରଣା କେହି କମାଇ ପାରିବେ ନାହିଁ । ମୋ ଗୁଣ୍ଡରେ ଖଣ୍ଡା ଭୂଷି ଦେଇପାରିବ ? ହେ ସନ୍ନ୍ୟାସି ! ମୁଁ ତମକୁ କ ଭିକ୍ଷା ଦେଇପାରିବ ? ଏ ଗୁଣ୍ଡର ରକତ ନିଗାଡ଼ ନେଇ, ତମ ଥାଳ ଭରିଦିଅ । ଶୃଗାଳ ଅଶୋକକୁ ଖବର ଦିଅ, ସେ ଏ ଯୁଦ୍ଧପଡ଼ିଆକୁ ଆସି ଶବଗୁଡ଼ାକୁ ଖାଉ ତା'ପେଟ ପୂରିବ । ମନ ଶାନ୍ତ ହେବ ।

ସ୍ୱର—"ହିଂସା ପ୍ରଣୋଦିତ ତରବାରିର ଜୟ ଜୟ ନୁହେଁ ।"

(ବସ୍ତ୍ରାବୃତ ଛଦ୍ମ ମୂର୍ତ୍ତିର ପ୍ରବେଶ)

ଜଣେ—(ଯନ୍ତ୍ରଣାକାତର କଣ୍ଠରେ) କିଏ ଛିଡ଼ାହୋଇଛ ? ପାଣି ଟୋପାଏ ଦେବ । ତମେ ଓଡ଼ିଆଣୀ ନୁହଁ ବୋଧହୁଏ । ମଗଧ ଦେଶର ମା ନା ? ଦିଅ ଦିଅ, ଧର୍ମ ହବ । ଦେଖୁଛ ତମ ରଜା କ କାଣ୍ଡ ଭିଆଇଲା । ସାରା କଳିଙ୍ଗଟାକୁ କଲା ବିଧବାପୁରୀ । ଏ ବିଧବାମାନଙ୍କର ଆଖି-ଲୁହରେ ତା' ରାଜପଣ ଧ୍ୱଂସ ହୋଇଯିବ । ତମ ରାଇଜର ମା'ମାନଙ୍କୁ କହିବ ଏ ଦେଶର ସ୍ତ୍ରୀ ଆଉ ମା' ଡାକ ଶୁଣିବେନି । ଠାକୁରେ ତମର ମଙ୍ଗଳ କରନ୍ତୁ । ପାଣି....ପାଣି.... ।

(ଛଦ୍ମମୂର୍ତ୍ତି ଅପସରି ଗଲା ଅନ୍ୟ ଏକ ଦିଗକୁ)

ଆଃ....ଚାଲିଗଲ ! ପାଣି ଟୋପାଏ ବି ମଲାଲୋକକୁ ଦେଲନି । ଏତେ ନିଷ୍ଠୁର ତମେ । ତମ ରଜା ଯିମିତି, ତମ ରାଇଜର ସ୍ତ୍ରୀ ଲୋକଗୁଡ଼ାକ ବି ସିମିତି ? ଆଃ....ପାଣି....ପାଣି ।

ଜଣେ ସୈନିକ—(କ୍ଷୀଣ କଣ୍ଠରେ) ପାପ ଯୁଦ୍ଧରେ ପାପ ଜିତିଗଲା । ଏ ଭାରତ ପୁଣ୍ୟମାଟି, ଏ ମାଟିରେ ଯେତେ ଯୁଦ୍ଧ ହୋଇଛି, ସବୁବେଳେ "ଧର୍ମର ଜୟ ପାପର କ୍ଷୟ" ହୋଇଛି । କଳିଙ୍ଗ ଯୁଦ୍ଧ ଗୋଟେ ନୂଆ ଘଟଣା । ମହାଭାରତ ଯୁଦ୍ଧ, ରାମରାବଣ ଯୁଦ୍ଧର ବଡ଼ପଣିଆ ଏ ଯୁଦ୍ଧରେ ଲୁଚିଗଲା । ଏ କଳିକାଳରେ ପାପ ଜିତିଲା, ପାପ ଜିତିଲା ।

ସ୍ୱର—ଆଃ....ଆଉ କାହିଁକି ଚୁହିଁଚୁ ? ଚାଲି ନ ଯାଇ ରହିଛୁ କାହିଁକି ? ବଞ୍ଚିଗଲେ ବି ମଣିଷପରି ବଞ୍ଚିବୁନି, ଲାଭ କ'ଣ । ଜୀବନ ! ତୁ ଚାଲିଯା । ଶୀଘ୍ର ଚାଲିଯା' ।

ଜଣେ ସୈନିକ—(ଛଦ୍ମ ମୂର୍ତ୍ତିକୁ ନିକଟରେ ଦେଖି) ହୁଁ....ମୁହଁ ଦେହ ଲୁଚେଇଲେ କ'ଣ ଆମେ ଜାଣିପାରିବୁନି । ଗୁପ୍ତଚର ସାଜିବାର ଆଉ କ ଅର୍ଥ

Digitized by srujanika@gmail.com

ଅଛି । ତୋ ହେଙ୍ଗୁଡ଼ା ରଜାକୁ କହିବୁ—ଓଡ଼ିଆ ଟିକଏ ସମସ୍ତ ପାଇଥିଲେ ତାଙ୍କ ଅସଲ ରୂପଟା ତମ ମାଣ୍ଡଗଧଗୁଡ଼ାକୁ ଦେଖେଇ ଦେଇଥାନ୍ତେ । ଏଇଟା କଳକାଳ । ପାପ ଯୁଦ୍ଧରେ ମାଣ୍ଡଗଧିଆ ଜିତିଲା, ଅଣ୍ଡିରି ଓଡ଼ିଆ ସିଂହ ହାରିଗଲା । ତୋ ରଜାକୁ କହିବୁ ଓଡ଼ିଆ ଜାତିର ଜାତକରେ ହାରିବାଟା ଲେଖାଯାଇନ । ତା'ର ଏ ହାରିବାଟା ଜିତିବାପାଇଁ । ସାବଧାନ ।

(ଛାୟାମୂର୍ତ୍ତି ଗୋଟାଏ "ହୁଁ" କହି ଅପସରିଗଲା)

ସ୍ୱର—"ଓଡ଼ିଆ ଜାତି ମହାନ୍ । ତା'ର ଶତ୍ରୁତା ମହାନ୍ । ତାର ବିଜୟ ମହାନ୍ । ତା'ର ପରାଜୟ ବି ମହାନ୍ ।"

(ମଞ୍ଚ ଅନ୍ଧକାର)

Digitized by srujanika@gmail.com

ଦଶମ ଦୃଶ୍ୟ

[ମଞ୍ଚ ଉଜ୍ଜ୍ୱଳ ହେଲା । ସାମନାରେ ଧଉଳପାହାଡ଼ । ପାଦଦେଶରେ ବହିଯାଉଛି ଦୟାନଦୀ । ପଶ୍ଚାତପଟ୍ଟରେ ଭଗବାନ୍ ବୁଦ୍ଧଙ୍କର ଛବି । ପ୍ରବେଶ କଲେ ଉପଗୁପ୍ତ, ବୌଦ୍ଧଭିକ୍ଷୁ । ତାଙ୍କ ସହିତ ଆଉ କେତେ ଜଣ ବୌଦ୍ଧଭିକ୍ଷୁ]

ଉପଗୁପ୍ତ—ହେ ପରମକାରୁଣିକ ତଥାଗତ ବୁଦ୍ଧ । ଦେଖୁଛ, ଧର୍ମକ୍ଷେତ୍ର ଭାରତର କି ଭାଗ୍ୟବିପର୍ଯ୍ୟୟ । ଯେଉଁ ଭାରତ ବିଶ୍ୱଧର୍ମର ଜନନୀ, ସେ ପ୍ରବୁଦ୍ଧ ଭାରତରେ କି ପ୍ରମତ୍ତ ଲୀଳା ଚାଲିଛି । ପୁଣ୍ୟଭୂମି କଳିଙ୍ଗ ବୀରପ୍ରସବିନୀ । ତା'ର ସହସ୍ର ସହସ୍ର ସନ୍ତାନର ଶିର ଆଜି ହିଂସା ତରବାରିରେ ଭୂଲୁଣ୍ଠିତ ହୋଇଛି । ମଦମତ୍ତ ଚଣ୍ଡାଶୋକ ନର-ରକ୍ତରେ ସ୍ନାନ କରୁଛନ୍ତି । ତାଙ୍କୁ ସଦ୍‌ବୁଦ୍ଧି ଦିଅ । ସେ ମଙ୍ଗଳମୟ ପ୍ରଭୁଙ୍କ ମଙ୍ଗଳବିଧାନରେ ସହାୟକ ହୁଅନ୍ତୁ ।

ଅଶୋକ—(ପ୍ରବେଶ କରି) ମୁଁ ସବୁ ଶୁଣିଛି ସନ୍ୟାସୀ । ଏ ରଣକ୍ଷେତ୍ରରେ ପ୍ରବେଶ କରିବାକୁ ଆପଣଙ୍କୁ ଦୁର୍ବୁଦ୍ଧି ଦେଲା କିଏ ? ନିଜପାଇଁ ପ୍ରଥମେ ଭଗବାନ୍ ବୁଦ୍ଧଙ୍କୁ ପ୍ରାର୍ଥନା କରନ୍ତୁ ସେ ସନ୍ୟାସୀଙ୍କୁ ସଦ୍‌ବୁଦ୍ଧି ଦେବେ ।

ଉପଗୁପ୍ତ—ସମ୍ରାଟ ! ତଥାଗତ ବୁଦ୍ଧ ଆପଣଙ୍କର ମଙ୍ଗଳ କରନ୍ତୁ । ମୁମୂର୍ଷୁର ସେବାପାଇଁ ସନ୍ୟାସୀ ରଣକ୍ଷେତ୍ରକୁ ଭିକ୍ଷୁମାନଙ୍କ ଗହଣରେ ଆସିଛି । ଜୀବେ ଦୟା ଜୀବନର ପରମଧର୍ମ ।

ଅଶୋକ—ମଦମତ୍ତ ଚଣ୍ଡାଶୋକର ତଥାଗତ ବୁଦ୍ଧ କି ମଙ୍ଗଳ କରିବେ ?

ଉପଗୁପ୍ତ—କରୁଣା କୋମଳ ବାରି ସିଞ୍ଚନ କରି ସମ୍ରାଟଙ୍କର ହୃଦୟକୁ କରୁଣା-ମୟ କରିବେ ।

ଅଶୋକ—ଶେଷରେ ରାଜ୍ୟହରା କରି ବୁଲା ଫକୀର ବେଶରେ ରାଜଦାଣ୍ଡରେ ଛାଡ଼ିଦେବେ, ନୁହେଁ ? ହାଃ....ହାଃ.... ଚମତ୍କାର ଆଶୀର୍ବାଦ ସନ୍ନ୍ୟାସୀ ।

Digitized by srujanika@gmail.com

ଉପଗୁପ୍ତ—ସମ୍ରାଟ ! ମାଫ୍ କରିବେ । ଭିକ୍ଷୁ ହେବାର ସୌଭାଗ୍ୟ ସମସ୍ତଙ୍କୁ ମିଳେନା । ପୂର୍ବଜନ୍ମର ପୁଣ୍ୟ ସଂସ୍କାର ନ ଥିଲେ ଏତେ ବଡ଼ ଆଶୀର୍ବାଦ ମିଳିବ କିପରି ? ଏ ପୁଣ୍ୟ ଭାରତ ମାଟିରେ ରାଜା ଋଷି ହେବାର ଭୂରି ଭୂରି ପ୍ରମାଣ ରହିଛି । ସେମାନେ ଥିଲେ ଦୟା କରୁଣାର ପ୍ରତିମୂର୍ତ୍ତି । ପ୍ରଜାନୁରକ୍ତି ହିଁ ଥିଲା ରାଜଧର୍ମ । ପ୍ରଜା ପାଳନ ପାଇଁ ରାଜାମାନେ ବହୁ ଦୁଃଖକଷ୍ଟ ଯନ୍ତ୍ରଣା ଭୋଗିବାର ଦୃଷ୍ଟାନ୍ତ ଅଛି; କିନ୍ତୁ ପ୍ରଜାସଂହାରର ଇତିହାସ ଭାରତଭୂମିରେ ଏଇ ପ୍ରଥମ ଥରପାଇଁ ଆରମ୍ଭ ହେଲା । ମଗଧ ସିଂହାସନର ଏହା ଏକ କଳଙ୍କିତ କୀର୍ତ୍ତି ।

ଅଶୋକ—ତା'ହେଲେ କ'ଣ ସମସ୍ତେ ନିଜ ନିଜର ଧର୍ମ ଛାଡ଼ିଦେବେ ? କେହି କାହାର ଧର୍ମ ପାଳନ କରିବେ ନାହିଁ ? ଏହା କ'ଣ ତଥାଗତ ବୁଦ୍ଧଙ୍କର ନିର୍ଦ୍ଦେଶ ?

ଉପଗୁପ୍ତ—ନିରୀହ ନିରପରାଧ ଲୋକମାନଙ୍କୁ ହତ୍ୟା କରିବା କ'ଣ ସମ୍ରାଟଙ୍କର ଧର୍ମ ?

ଅଶୋକ—ଯୁଦ୍ଧ ରାଜଧର୍ମ । କ୍ଷତ୍ରିୟର ଧର୍ମ । ସୃଷ୍ଟି ଆରମ୍ଭ ହେଲାଦିନୁ ଏ ଯୁଦ୍ଧ ଆରମ୍ଭ ହୋଇଛି । ପ୍ରଳୟରେ ହିଁ ଏହାର ସମାପ୍ତି ହେବ । ତାକୁ ରୋକିବ କିଏ ? ତୁମେ ଭୁଲ ବୁଝିଛ ଭିକ୍ଷୁ । ଯୁଦ୍ଧ କେବଳ ଧ୍ୱଂସ କରେନି, ତାହା ନୂତନ ସୃଷ୍ଟିର ସହାୟକ ମଧ୍ୟ । ଭଗବାନ୍ ଶ୍ରୀକୃଷ୍ଣ, ଭଗବାନ ଶ୍ରୀରାମଚନ୍ଦ୍ର ଯୁଦ୍ଧର ପ୍ରବକ୍ତା । ସେତେବେଳେ ଆପଣଙ୍କ ପରି ବୌଦ୍ଧଭିକ୍ଷୁ ଥିଲେ ବୋଧହୁଏ ମହାଭାରତ ଯୁଦ୍ଧ କିମ୍ବା ରାମାୟଣ ଯୁଦ୍ଧ ହୋଇ ନ ଥାନ୍ତା, ନୁହେଁ ?

ଉପଗୁପ୍ତ—ସେ ଯୁଦ୍ଧ ମହାଭାରତ ରାମାୟଣପରି ଦୁଇଟି ପବିତ୍ର ଗ୍ରନ୍ଥକୁ ଜନ୍ମ ଦେଲା । ତାହା ଏପର୍ଯ୍ୟନ୍ତ ଭାରତୀୟ ସମାଜ ଓ ପରିବାରକୁ ଚଳାଉଛି । କଳିଙ୍ଗ ଯୁଦ୍ଧ କଳଙ୍କର ଅଧ୍ୟାୟ ସୃଷ୍ଟି କରୁଛି । ଏହା ଚିରଦିନ ମହାମହିମ ସମ୍ରାଟଙ୍କର କଳଙ୍କ ରଟନା କରିବ । କାଳ ତା'ର କରାଳ ଗର୍ଭରେ ସବୁ କବଳିତ କରିପାରେ, କିନ୍ତୁ କୀର୍ତ୍ତି ରହିଯାଏ ।

ଅଶୋକ—(ଦୀର୍ଘନିଃଶ୍ୱାସ ପକାଇ) କି ଅଦ୍ଭୁତ ଯୁକ୍ତି ଆପଣଙ୍କର । ଆପଣ ଏକ ଦିଗଦର୍ଶୀ । ଏ ସଂସାର ଯୁଦ୍ଧ ଓ ସଂଘର୍ଷ ମଧ୍ୟରେ ବଞ୍ଚିଛି ।

Digitized by srujanika@gmail.com

ମତ୍ସ୍ୟନ୍ୟାୟରେ ଚଳୁଛି । ବଡ଼ମାଛ ସାନମାଛକୁ ଖାଇଲେ ବଞ୍ଚିବ । ସେଇଟାକୁ ହିଂସା କହି ତାକୁ ସେଥିରୁ ନିବୃତ୍ତ ହେବାକୁ କହିବା ଅର୍ଥ ବଡ଼ ପାଗଳାମି । କିନ୍ତୁ ଗୋଟାଏ ପ୍ରଳୟ ସୃଷ୍ଟି ହୋଇନି ସନ୍ୟାସି !

ଉପଗୁପ୍ତ—ଧର୍ମପ୍ରାଣ ସମ୍ରାଟ ଅଶୋକ ! ତଥାପି କ'ଣ ପ୍ରଳୟ ବାକି ଅଛି ? କଳିଙ୍ଗ ଭୂମିକୁ ମଣିଷ ରକ୍ତରେ କର୍ଦ୍ଦମାକ୍ତ କରି, ଦୟାନଦୀର ଜଳକୁ ରୁଧିରାକ୍ତ କରି, ମଣିଷ ଶବରେ ଶ୍ୟାମଳ ପୃଥିବୀକୁ ଆଚ୍ଛାଦିତ କରି ତଥାପି ସମ୍ରାଟ କହୁଛନ୍ତି ପ୍ରଳୟ ସୃଷ୍ଟି ହୋଇନି । ଯୁଦ୍ଧ ତ ସରିଛି, ଦୟାକରି ଆପଣ ଯୁଦ୍ଧଭୂମିରେ ଥରେ ବୁଲିଆସି ଦେଖନ୍ତୁ ଆଉ କି ପ୍ରଳୟ ସୃଷ୍ଟି କରାଯାଇଥାନ୍ତା ।

"ହିଂସାପ୍ରଣୋଦିତ ତରବାରିର ଜୟ ପ୍ରକୃତ ଜୟ ନୁହେଁ ।"

ଅଶୋକ—ଦେଖନ୍ତୁ ସନ୍ୟାସୀ, ମୋଠାରୁ ଆପଣ ଅଧିକ ହିଂସ୍ର । ଆପଣଙ୍କ ତରବାରି ମୋ ତରବାରିଠାରୁ ଅଧିକ ହିଂସାପ୍ରଣୋଦିତ ।

ଉପଗୁପ୍ତ—ମୁଁ ହିଂସ୍ର ?

ଅଶୋକ—ହଁ····ସନ୍ୟାସୀ ଉପଗୁପ୍ତଙ୍କୁ ବାଧିଲା ନାଁ କ'ଣ ?

ଉପଗୁପ୍ତ—ମାନେ ?

ଅଶୋକ—ଉପଦେଶ ଦେବା ବ୍ୟକ୍ତି "ମାନେ"ର ଅର୍ଥ ବୁଝେନା । ସେ ଯାହା ଭାବେ, ସେସବୁ ଉଦ୍‌ଗାର କରି ନ ସାରିବାପର୍ଯ୍ୟନ୍ତ କୌଣସି "ମାନେ"ର ମନା ମାନେନା ।

ଉପଗୁପ୍ତ—ସମ୍ରାଟ ! ଆପଣ କଣ କହୁଛନ୍ତି ?

ଅଶୋକ—ମୁଁ ବି ଏକ ମହାସତ୍ୟର ପ୍ରଖ୍ୟାପନ କରୁଛି ।

ଉପଗୁପ୍ତ—କପରି ?

ଅଶୋକ—କୌଣସି ବ୍ୟକ୍ତିର ସବୁଜ ସଂସାରକୁ ଚୂରମାରକରି, ତାର ପୁଅ, କନ୍ୟା, ସ୍ତ୍ରୀ, ସମସ୍ତଙ୍କୁ କକ୍ଷଚ୍ୟୁତ କରାଇବାଟା କେଉଁ "ଅହିଂସା"ର ପର୍ଯ୍ୟାୟଭୁକ୍ତ ? ପରମକାରୁଣିକ ଭଗବାନ ବୁଦ୍ଧ କ'ଣ ଏଇ ଧର୍ମ ପ୍ରଚାର କରିବାପାଇଁ ସନ୍ୟାସୀଙ୍କୁ ଦୀକ୍ଷିତ କରିଛନ୍ତି । ହୃଦୟରେ ହିଂସା ଆଉ ବଚନରେ "ଅହିଂସା" ମନ୍ତ୍ରର ମଧୁଶାଳା ?

Digitized by srujanika@gmail.com

ଉପଗୁପ୍ତ—(ଈଷତ୍ ହସି) ଓଃ ଏଇ କଥା । ସମ୍ରାଟ ବିଶ୍ବାସକରନ୍ତୁ, ବିଶ୍ବାସକରି ଦେଖନ୍ତୁ, ଆପଣଙ୍କର ସ୍ତ୍ରୀ, ପୁତ୍ର, କନ୍ୟା ଆପଣଙ୍କଠାରୁ ଦୂରେଇ ଯାଇ ନାହାନ୍ତି । ଆପଣ ଜୀବନ ନଦୀର ଭୋଗତଟରେ ବସିଛନ୍ତି, ସେମାନେ ତ୍ୟାଗତଟରେ ଅପେକ୍ଷା କରିଛନ୍ତି । ଭଗବାନ ବୁଦ୍ଧଙ୍କର ଉପଦେଶ-ତରଣୀରେ ବସିଲେ, ଆପଣ ଅକ୍ଲେଶରେ ଭୋଗ-ତଟରୁ ଯାଇ ତ୍ୟାଗତଟରେ ପହଞ୍ଚିପାରିବେ । ଆପଣଙ୍କୁ ପ୍ରତୀକ୍ଷିତ ନୟନରେ ସେମାନେ ଚାହିଁଛନ୍ତି । ଦୟାକରି ତ୍ୟାଗ ତୀର୍ଥକୁ ଯାଇ ଜୀବନର ସମସ୍ତ ମ୍ଳାନିମା ଧୋଇଦିଅନ୍ତୁ । ନିଜର ସ୍ତ୍ରୀ, ପୁତ୍ର, କନ୍ୟା ସମସ୍ତଙ୍କୁ ପାଇ ଏ ସଂସାର ପୁଣି ହସିଉଠିବ ।

ଅଶୋକ—ଚମତ୍କାର । ଚମତ୍କାର ମହାଭିକ୍ଷୁ । ନିଜ ଦୁଷ୍କୃତିକୁ ଫାଙ୍କିଦେବା ପାଇଁ ଏହା ଏକ ସୁଚିନ୍ତିତ କୌଶଳ, ନୁହେଁ ?

ଉପଗୁପ୍ତ—ବିଶ୍ବାସ କରନ୍ତୁ ସମ୍ରାଟ । ରାଜନୀତି କୌଶଳଭିତରେ ଗଲେ, କିନ୍ତୁ ଧର୍ମନୀତି କୁଶଳତାଭିତରେ ଆଗେଇଥାଏ । କହନ୍ତୁ ସମ୍ରାଟ, ସେଇ ସନ୍ତାନହରା ଅନ୍ଧୁଣୀ ବୁଢ଼ୀକୁ ତାର ଏକମାତ୍ର ସନ୍ତାନ ଆଜି ଫେରାଇ ଦେଇପାରିବେ ? ଦେଖନ୍ତୁ, ସେଇ କଅଁଳ ଅବୋଧ ଶିଶୁଟି ମୃତ ମାତାର ସ୍ତନ୍ୟପାନପାଇଁ ବ୍ୟାକୁଳ ହେଉଛି, ତାକୁ ସେ ଅମୃତ ଟୋପାକ ଆଜି ଦେଇପାରିବେ ? ? ଆଜି ଦେଖନ୍ତୁ, ସେ ଯେଉଁ ନବବଧୂଟି ତାର ମୃତ ସ୍ୱାମୀ ପଦତଳେ ଲୋଟେଇହୋଇ ଗଗନ ପବନ ଫଟେଇ କାନ୍ଦୁଛି, ତାକୁ କଣ ଜୀବନରେ କାଚ-ସିନ୍ଦୂର ଫେରାଇଦେଇ ପାରିବେ ?

(ଅନ୍ତରାଳରେ ଯୁଦ୍ଧଭେରୀ ଶୁଣାଗଲା)

ଦୂତ—ମହାମହିମ ସମ୍ରାଟଙ୍କର ଜୟ ହେଉ । ମନ୍ତ୍ରୀମାଙ୍କର ଆଦେଶକୁ ସେନାପତି ଅପେକ୍ଷାକରି ରହିଛନ୍ତି ।

ଅଶୋକ—ସେନାପତିଙ୍କୁ କୁହ—କଳିଙ୍ଗର ସମସ୍ତ ବନ୍ଦୀ ସୈନ୍ୟମାନଙ୍କୁ ଆଦେଶ ପାଇବାମାତ୍ରେ ମୁକ୍ତ କରି ଦିଅନ୍ତୁ ।

ଦୂତ—ମୌର୍ଯ୍ୟମୁକୁଟମଣି ସମ୍ରାଟଙ୍କର ଜୟ ହେଉ ।

ଅଶୋକ—ଦୂତ ! ଆଜି ମଧ୍ୟ ଜଣାଇବ ବୌଦ୍ଧଭିକ୍ଷୁମାନଙ୍କୁ ବନ୍ଦୀ କରାଯିବାର ଆଦେଶ ପ୍ରତ୍ୟାହାର କରାଗଲା । ସେମାନେ ନିର୍ବିଘ୍ନରେ ରଣକ୍ଷେତ୍ରରେ ବୁଲି ସେବା କରିପାରିବେ ।

Digitized by srujanika@gmail.com

ଉପଗୁପ୍ତ—ସାଧୁ, ସାଧୁ ବତ୍ସର ସମ୍ରାଟଙ୍କର । ପରମକାରୁଣିକ ଭଗବାନ ବୁଦ୍ଧଙ୍କର ଶୁଭାଶିଷ ଆପଣ ଅଲକ୍ଷ୍ୟରେ ଲଭ କରିଛନ୍ତି । ଆପଣଙ୍କର ହୃଦୟ ପରିବର୍ତ୍ତନ ହୋଇଛି । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଛନ୍ତି । ଯେ ଯେଉଁଠାରେ ଅଛ, ସମସ୍ତେ ଏକସ୍ୱରରେ କୁହ "ପରମ ବତ୍ସରବନ୍ଧୁ, ଉଦାରହୃଦୟ, ଧର୍ମ-ପରିପୋଷକ ସମ୍ରାଟ ଧର୍ମାଶୋକଙ୍କର ଜୟ ହେଉ ।"

ନେପଥ୍ୟରୁ ଜୟଧ୍ୱନି ଉଚ୍ଛୁଳି ଉଠିଲା ।

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ଏକାଦଶ ଦୃଶ୍ୟ

[ଚୋଷାଳୀର ଯୁଦ୍ଧ-ଶିବିରରେ ଅଶୋକ ଉପବିଷ୍ଟ । ତରବାରି କୋଷଯୁକ୍ତ ଓ ତାହା ଭୂ-ଲୁଣ୍ଠିତ । ସେ ତଥାଗତ ବୁଦ୍ଧଙ୍କର କରୁଣାକୋମଳ ମୂର୍ତ୍ତିକୁ ଧ୍ୟାନମଗ୍ନ ହୋଇ ଚାହିଁଛନ୍ତି । ପ୍ରବେଶ କଲେ ରଣବୀର]

ରଣବୀର—ଦୁର୍ଜୟ ପରାକ୍ରାନ୍ତ ଦିଗ୍‌ବିଜୟୀ ମହାମହିମ ଭାରତ ସମ୍ରାଟଙ୍କର ଜୟ ହେଉ । (କିଛିଏ ପରେ ଅଶୋକ ଭାବାବେଗଭିତରେ ମୁହଁ ଫେରାଇଲେ । ନିର୍ଦ୍ଦେଶ ଦେଲେ ଆସନ ଗ୍ରହଣ କରିବାପାଇଁ ।)

ଅଶୋକ—ରଣବୀର ! ଉଜ୍ଜୟିନୀର ଖବର ସବୁ କୁଶଳ ତ ? ପାଟଳୀପୁତ୍ରର ସମ୍ବାଦ ପାଇଛ ?

ରଣବୀର—ସମ୍ରାଟଙ୍କ ଶାସନରେ ଅଶୁଭର ଆତଙ୍କ କାହିଁ ? ଶୁଭ, ଶୁଭ ସମ୍ରାଟ । କଳିଙ୍ଗ-ବିଜୟର ଶୁଭ ସମ୍ବାଦ ମୌର୍ଯ୍ୟ ସାମ୍ରାଜ୍ୟରେ ଚହଳ ପକାଇଛି । ଏତେ ଦିନର ଦୁର୍ବାର ଲାଳସା, ଅପ୍ରତିହତ ସ୍ୱପ୍ନ ଆଜି ସାର୍ଥକ ହୋଇଛି ସମ୍ରାଟ । ସାର୍ଥକ ହୋଇଛି ।

ଅଶୋକ—ନା, ନା ଭୁଲ କରିଲ ରଣବୀର । ଅଜେୟ କଳିଙ୍ଗ ଅଜିତ ହୋଇ ରହିଛି । ସମ୍ରାଟ ଅଶୋକ କଳିଙ୍ଗକୁ ଜୟ କରି ନାହାନ୍ତି ବରଂ ପରାଜିତ ହୋଇଛନ୍ତି କଳିଙ୍ଗ ପାଖରେ । ପରାସ୍ତ, ପରାହତ, ପରାଙ୍ମୁଖ ।

ରଣବୀର—ଏସବୁ କଣ କହୁଛନ୍ତି ସମ୍ରାଟ ?

ଅଶୋକ—ଚଣ୍ଡାଳର ଚଷକରେ ତମେ ମଦିରା ପାନ କରି ମୋତେ ଯାହା କହୁଥିଲ ତାର ପରିଣତିର ପ୍ରଳାପ ବୋଧହୁଏ ଶୁଣୁଛ । ସମ୍ରାଟ ଚନ୍ଦ୍ରଗୁପ୍ତ, ସମ୍ରାଟ ବିନ୍ଦୁସାରଙ୍କର ବିସ୍ତୃତ ଥିଲା ଅତୁଳନୀୟ । ସେମାନେ ଥିଲେ ଅତ୍ୟନ୍ତ ବିସ୍ତୃତିଶୀଳ ଓ ବିବେକର ପ୍ରତିମୂର୍ତ୍ତି । ମୋ ଉଗ୍ରତାରେ ଇନ୍ଧନ ଯୋଗାଇ ତୁମେ ମୋତେ ଖିଆଲର କ୍ରୀଡ଼ା ପୁତ୍ତଳିକା କରିଦେଇଥିଲ । ମୁଁ କିନ୍ତୁ ଏକ ମହାସତ୍ୟର ସଂଧାନ ପାଇଯାଇଛି ରଣବୀର । ତା'ର ସ୍ୱାଦୁ ସମସ୍ତଙ୍କୁ ଚଖାଇବି ।

Digitized by srujanika@gmail.com

ରଣବୀର—କ୍ଷମା ଦିଅନ୍ତୁ ସମ୍ରାଟ । ଅପରାଧ ମାଫ୍ କରନ୍ତୁ ।

ଅଶୋକ—ଓଃ ଏତେ ଶୀଘ୍ର ଅପରାଧୀ ବୋଲି ସ୍ୱୀକାର କରିନେଲଣି । ସାବାସ୍ ! ଚଣ୍ଡାଶୋକ ଜୀବନରେ କାହାକୁ କ୍ଷମା ଦେଇନି । ତୁମେ ପ୍ରସ୍ତୁତ ହୁଅ, ଦଣ୍ଡ ଭୋଗିବାକୁ ପଡ଼ିବ ।

ରଣବୀର—ସମ୍ରାଟ ! ଆପଣଙ୍କର ବିଶ୍ୱସ୍ତ ସେନାପତି ରଣବୀର ବିଶ୍ୱାସଘାତକତା କରିନି । ସମ୍ରାଟ ଯଦି ଭାବୁଥାନ୍ତି ସେ ଆପଣଙ୍କୁ ଲକ୍ଷ୍ୟଚ୍ୟୁତ କରାଇଛି, ତା ହେଲେ ଏ କୃପାଣ ନିଅନ୍ତୁ, ନିଜ ହାତରେ ମୃତ୍ୟୁଦଣ୍ଡ ଦିଅନ୍ତୁ ସମ୍ରାଟ ।

ଅଶୋକ—ରଣବୀର । ତମେ ଏହି କୃପାଣର କୃପାଲାଭ କରିବାକୁ ଅଯୋଗ୍ୟ । ତା'ର କୃପାରୁ ମୁଁ କଳିଙ୍ଗ ବିଜୟୀ କରି ପରାଜିତ ହୋଇଗଲି । ଏ କୃପାଣ ମୋତେ ମାନବିକତାର ମାପକାଠିରେ କୃପଣ କରିଦେଲା । ଦେଖନ୍ତୁ, ଯେ ପ୍ରମତ୍ତ ଥିଲି ସେ ଆଜି କପଟ ବିମର୍ଷ ହୋଇ ଭୂଲୁଣ୍ଠିତ ହେଉଛି । (ପ୍ରବେଶ କଲେ ରାଧାଗୁପ୍ତ)

ରାଧାଗୁପ୍ତ—ବିଶ୍ୱବିଜୟୀ ଅରିକୁଳ ବିମର୍ଦ୍ଦକ ପ୍ରଚଣ୍ଡ ପ୍ରତାପଶାଳୀ ସମ୍ରାଟ ଅଶୋକଙ୍କର ଜୟ ହେଉ ।

ଅଶୋକ—ରାଧାଗୁପ୍ତ ! ମହାମାନ୍ୟ ମହାମନ୍ତ୍ରି । ଆପଣ ବି ପ୍ରସ୍ତୁତ ହୁଅନ୍ତୁ କଳିଙ୍ଗ ବିଜୟର ପୁରସ୍କାର ଲାଭ କରିବାପାଇଁ । ଏ ବିଜୟ ସମ୍ରାଟ ଅଶୋକର ଏକା ନୁହେଁ । ଏଥିପାଇଁ ସେନାପତି ରଣବୀର, ମହାମନ୍ତ୍ରୀ ରାଧାଗୁପ୍ତଙ୍କର ଅବଦାନ ଯଥେଷ୍ଟ ଅଧିକ । କି ସମ୍ବାଦ ନେଇ ଆସିଛନ୍ତି ମହାମନ୍ତ୍ରୀ ?

ରାଧାଗୁପ୍ତ—ସମ୍ରାଟଙ୍କ ଆଦେଶ ପାଳିତ ହୋଇଛି । ସମସ୍ତ ବନ୍ଦୀମାନଙ୍କୁ ଖଲାସ କରି ଦିଆଯାଇଛି । ଭିକ୍ଷୁମାନେ ରଣଭୂମିରେ ବିଚରଣ କରି ମୁମୂର୍ଷୁର ସେବା କରିବାର ସୁଯୋଗ ପାଇଛନ୍ତି । କେବଳ ଉତ୍କଳର ରାଜମହିଷୀ କାରାରୁଦ୍ଧ । ଆଦେଶ ଦିଅନ୍ତୁ ସମ୍ରାଟ ।

ଅଶୋକ—ତାଙ୍କର ବିଚାର ହେବ ।

ରାଧାଗୁପ୍ତ—(ଆଶ୍ଚର୍ଯ୍ୟରେ ତାଙ୍କ ମୁହଁକୁ ଚାହିଁରହିଲେ)

ଅଶୋକ—ସମ୍ରାଟଙ୍କର ନିର୍ଦ୍ଦେଶ, ଦେଶରେ ଥିବା ସମସ୍ତ ନର୍କପୁରୀ ବନ୍ଦ କରିଦିଅନ୍ତୁ । ତାହା ଧର୍ମ ମନ୍ଦିରରେ ପରିଣତ ହେଉ । ସେଠାରେ

Digitized by srujanika@gmail.com

କୌଣସି ମୂର୍ତ୍ତି ପୂଜିତ ହେବେ ନାହିଁ । ତାହା ହେବ ବୁଦ୍ଧବିହାର । ଶ୍ରମଣମାନେ ସେଠାରେ ଉପାସନା କରିବେ ।

ରାଧାଗୁପ୍ତ—ସାରା ମୌର୍ଯ୍ୟ ସାମ୍ରାଜ୍ୟ ଧର୍ମରାଜ୍ୟରେ ପରିଣତ ହେବ !

ଅଶୋକ—ତା ପୂର୍ବରୁ ନିଜର ପାପାବର୍ତ୍ତି ହୃଦୟକୁ ପ୍ରକ୍ଷାଳନ କରିବାକୁ ହେବ। ସେହି ଦଣ୍ଡର ଅପେକ୍ଷାରେ ସେନାପତି ରଣଧୀର ବସିଛନ୍ତି । ଉପଗୁପ୍ତଙ୍କ ପାଖକୁ ତାଙ୍କୁ ନେଇଯାଆନ୍ତୁ । ତାଙ୍କ ଶିର ମୁଣ୍ଡନ ହେବ, ସେ ପୀତବସ୍ତ୍ର ଧାରଣ କରିବେ । ଆଜିଠାରୁ ତାଙ୍କର ନାମ ହେବ 'ରଣଧୀର' ପରିବର୍ତ୍ତେ "ଧର୍ମଧୀର" ।

ରଣଧୀର—ଧର୍ମାବତାର ସମ୍ରାଟଙ୍କର ପୁଣ୍ୟ ଇଚ୍ଛା ପୂରଣ ହେଉ । ତାଙ୍କର ପବିତ୍ର ପଦତୀର୍ଥରେ ଏହି ହିଂସାର ତରବାରି ସମର୍ପଣ କରି ସେନାପତି ଶରଣ ପଶୁଛି । .

ଅଶୋକ—ନା....ପରମକାରୁଣିକ ଭଗବାନ ବୁଦ୍ଧଙ୍କ ଚରଣରେ ଏହା ସମର୍ପଣ କରନ୍ତୁ । ଚିତ୍ତଭୂମି ନିର୍ମଳ କରନ୍ତୁ । ବୁଦ୍ଧଙ୍କର ଶରଣ ପଶନ୍ତୁ । ସବୁ ଠିକ୍ ହୋଇଯିବ । ଆଜିଠାରୁ ଦେଶରେ ଧର୍ମର ଶାସନ ଚାଲିବ ।

ରାଧାଗୁପ୍ତ—ଏ ଅଧମ ପ୍ରତି କିଛି ନିର୍ଦ୍ଦେଶ ନାହିଁକି ?

ଅଶୋକ—ମହାମନ୍ତ୍ରି ! ଆପଣଙ୍କ ନାମରେ କୌଣସି ଅସଙ୍ଗତି ନାହିଁ । ହୃଦୟର ସମସ୍ତ କପଟତା ଦୂର କରିବାକୁ ହେବ । ଶାନ୍ତିଶାଳା ନିର୍ମାଣପାଇଁ ଯେପରି ମନ୍ତ୍ରଣା ଦେଇଥିଲେ ଅନୁଶାସନର ପର୍ବ ସାରା ଦେଶରେ ପାଳିତ ହେବାକୁ ସେହିପରି ମନ୍ତ୍ରିତ ହେବାକୁ ହେବ । ଆଜିଠାରୁ ଆପଣ ଭିକ୍ଷୁ ରାଧାଗୁପ୍ତ । ଯାଆନ୍ତୁ ଉପଗୁପ୍ତଙ୍କ ପାଖକୁ । ପ୍ରବର୍ଯ୍ୟା ଗ୍ରହଣ କରନ୍ତୁ । ଭୋଗଥାଳି ଭିକ୍ଷାଥାଳିରେ ପରିଣତ ହେଉ ।

[ଶୁଣାଗଲା, "ଧର୍ମର ଅବତାର, କରୁଣାର ମୂର୍ତ୍ତିମନ୍ତ, ପ୍ରେମର ବାରିଧି ସମ୍ରାଟ ଅଶୋକଙ୍କର ଜୟ ।"]

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ଦ୍ୱାଦଶ ଦୃଶ୍ୟ

[ଦୟାନଦୀର କୂଳେ କୂଳେ ସମ୍ରାଟ ଅଶୋକ ବିଚରଣ କରୁଛନ୍ତି । ତାଙ୍କ ସାଥିରେ ବୌଦ୍ଧ ସନ୍ୟାସୀ ଉପଗୁପ୍ତ, ସେନାପତି ରଣବୀର, ଉତ୍କଳର ଜଣେ ସେନାପତି, ରାଧାଗୁପ୍ତ ପ୍ରଭୃତି]

ଅଶୋକ—ଏ ନଦୀର ନାଁ କଣ ?

ଉତ୍କଳର ବୌଦ୍ଧଭିକ୍ଷୁ—ଏହାର ନାମ ଦୟା । ଏଥିରେ କରୁଣାର ଧାର ପ୍ରବାହିତ ହୁଏ ।

ଅଶୋକ—ଏଁ....ଦୟା ? ନଦୀର ନାମ ଦୟା ? କଳିଙ୍ଗବାସୀ ବୀର ବୋଲି ଶୁଣିଥିଲି, ଏବେ ସୁରି ବୋଲି ପ୍ରମାଣ ପାଇଲି । ଏହାର ଜଳ ରକ୍ତିମ କାହିଁକି ?

ଉପଗୁପ୍ତ—କଳିଙ୍ଗ ବୁକୁରେ ଯେଉଁ ମହାପ୍ରଳୟ ଆରମ୍ଭ ହେଲା ସେଥିରେ ଅଗଣିତ ବ୍ୟକ୍ତି ସଂହାରପର୍ବର ଶିକାର ହେଲେ । ସେମାନଙ୍କ ରକ୍ତରେ ଦୟାନଦୀର ଜଳ ରୁଧିରସିକ୍ତ ହୋଇଛି । ଏହା ସାଗର ସଙ୍ଗମପାଇଁ ଧାଇଁଛି । ଏ ରକ୍ତ ଅନନ୍ତ ସାଗରର ବିପୁଳ ଜଳ-ରାଶିକୁ ରକ୍ତିମ କରିଦେବ ବୋଧହୁଏ ।

ଅଶୋକ—ଦୟାନଦୀ । ତମଭିତରେ ମୁଁ ପରମକାରୁଣିକ ତଥାଗତ ବୁଦ୍ଧଙ୍କୁ ଦେଖିବାକୁ ପାଉଛି । ତାଙ୍କର ଦୟା, ପ୍ରେମ, ଅହିଂସା ତମ ବୁକୁରେ ପ୍ରବାହିତ ହେଉଛି । ମୋର ପାପାକ୍ତ ଅନ୍ତରତମ ପୁଣ୍ୟ ଜଳରେ ପ୍ରକ୍ଷାଳିତ ହେଉ । ଦୟା ! ତମେ ମୋ ଜୀବନର ପ୍ରଥମ ଗୁରୁ ।

ଉପଗୁପ୍ତ—ଜୟ ସମ୍ରାଟ ଅଶୋକଙ୍କର ଜୟ ।

ଅଶୋକ—(ଭାବବିହ୍ୱଳ ହୋଇ) ନା....ନା....କୁହନ୍ତୁ "ଦୟାର ଜୟ, କରୁଣାର ଜୟ, ଅହିଂସାର ଜୟ, ପ୍ରେମର ଜୟ, କଳିଙ୍ଗବାସୀଙ୍କର ଜୟ । ଆଚ୍ଛା, ଏ ବିରାଟ ପାହାଡ଼ଟାଏ କଣ ଦେଖାଯାଉଛି ?

Digitized by srujanika@gmail.com

ଉତ୍କଳର ସେନାପତି—ହେ ପ୍ରକୃତିରଞ୍ଜକ ଧର୍ମପାଳକ ସମ୍ରାଟ ! କଳିଙ୍ଗ ସାମ୍ରାଜ୍ୟର ହସ୍ତୀବାହିନୀ ହିଁ ତା'ର ଗର୍ବ । ଏ ମହାପ୍ରଳୟରେ ରଣକୁଶଳୀ ହସ୍ତୀଗୁଡ଼ିକର ମୃତ୍ୟୁ ଘଟିଛି । ସେମାନଙ୍କର ଶବସମାହାର ହେଉଛି ଏହି ପାଣ୍ଡୁର ପାହାଡ଼ ।

ଅଶୋକ—(ଦୀର୍ଘ ନିଶ୍ୱାସ ପକାଇ) ଆଚ୍ଛା, ଦୂରରେ ଯେଉଁ ଧୂମ ଶିଖା ଦେଖାଯାଉଛି ତାହା କଣ ?

ଉତ୍କଳ ସେନାପତି—ସମ୍ରାଟ ! ମୌର୍ଯ୍ୟ ସୈନ୍ୟଗଣ କଳିଙ୍ଗର ଜନପଦ, ନଗର ପଲ୍ଲୀରେ ପଶି ଚରମ ଉତ୍ପାତ ସୃଷ୍ଟି କରିଛନ୍ତି । ଅଗ୍ନି ସଂଯୋଗ କରି ବହୁ ଗ୍ରାମ ଭସ୍ମ କରିଛନ୍ତି । ସେ ଧୂଆଁ ଲିଭିନି ସମ୍ରାଟ ।

ଅଶୋକ—(ଜଡ଼ିତ କଣ୍ଠରେ) କ୍ଷମା....କ୍ଷମା ଦିଅ ଉତ୍କଳ ସନ୍ତାନଗଣ । ଯେଉଁ ଦୁର୍ଦ୍ଦାନ୍ତ ଯମ କଳିଙ୍ଗର କଳାମୟ ପ୍ରାଣରେ କାଳିମା ଲେପିଛି ସେ ଆଜି ଆପେ ଆପେ ନିରସ୍ତ୍ର ହୋଇ ଧରାଦେଇଛି । ହେ ବୀର ସନ୍ତାନ ! ତାକୁ ଶାସ୍ତି ଦିଅ । ସେ ଭସ୍ମରେ ତା ଶରୀରଭସ୍ମ ମିଶାଇ ଦିଅ । ଏ ରକ୍ତରେ ତା ରକ୍ତ ମିଶାଇ ଦିଅ । ଏଁ....ଏସବୁ କଣ ?

ଉତ୍କଳ ସେନାପତି—ଏସବୁ ସିନ୍ଦୂର ଫରୁଆ । କଳିଙ୍ଗର ଲକ୍ଷାଧିକ ରମଣୀ ନିଜର ସ୍ୱାମୀଙ୍କୁ ହରାଇ ବୈଧବ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି । ସେମାନେ ସ୍ୱାମୀହରା···ଏ ଦଣ୍ଡ ସାରା ଜୀବନ ସେମାନଙ୍କୁ ଭୋଗ କରିବାକୁ ହେବ । କଳିଙ୍ଗ ବିଜୟର ବିଜୟ-ସମ୍ଭାଷଣପାଇଁ ସ୍ୱାମୀହରା ନାରୀମାନେ ତାଙ୍କର ଏହି ପରିତ୍ୟକ୍ତ ସିନ୍ଦୂର ଫରୁଆକୁ ଏକଜିତ କରିଛନ୍ତି । ସ୍ୱାମୀହନ୍ତା ସିନ୍ଦୂର ଦ୍ୱେର ସମ୍ରାଟ ଅଶୋକଙ୍କୁ ଉପହାର ଦେବାପାଇଁ । ମଗଧର ସଂଗ୍ରହାଳୟରେ କଳିଙ୍ଗ ବିଜୟର ସ୍ମୃତିରୂପେ ସେ ସାଇତି ରଖିବେ ।

ଅଶୋକ—(କାନରେ ହାତଦେଇ) କଳିଙ୍ଗ ସେନାପତି ! ତମ ହାତରେ ତରବାରି ନାହିଁ ? ତମ ହାତରେ ଧରା ଦେଇଥିବା ଅଶୋକକୁ ତୁମେ ଦଣ୍ଡଦେଇ ପାରିବନି ?

ଉତ୍କଳ ସେନାପତି—ଦଣ୍ଡ ଦିଆସରିଲାଣି ସମ୍ରାଟ । ମଗଧର ଚଣ୍ଡାଶୋକଙ୍କ ହୃଦୟକୁ କଳିଙ୍ଗବୀର ବଶୀଭୂତ କରିସାରିଛନ୍ତି । ରୁକ୍ଷତାର କଠିନ ଶିଳାସ୍ତର ଫୁଟାଇ ତା' ଭିତରୁ ଝରସାରା କରୁଣାର କଲ୍ଲୋଳ ପ୍ରବାହିତ କରିଛନ୍ତି । ଏହାହିଁ କଳିଙ୍ଗ ଯୁଦ୍ଧରେ କଳିଙ୍ଗବାସୀଙ୍କର ସ୍ମୃତି ସନ୍ତକ ।

Digitized by srujanika@gmail.com

ଅଶୋକ—(ଦୀର୍ଘନିଶ୍ବାସ ପକାଇ) ଅତୀତରେ ଦିନେ ପୁଣ୍ୟମୟୀ ଜନନୀ ମୋର କ୍ରୂର ପାପ କର୍ମପାଇଁ "ଚଣ୍ଡାଶୋକ" ଉପାଧି ଦେଇଥିଲେ । ଆଜି କଳିଙ୍ଗ ଜାତିର ଜନନୀଠାରୁ ଗୋଟାଏ ହୃଦୟହୀନ ଉପାଧି ମିଳିଲା । ସି···ନ୍ଦୁ···ର···ରେ···ଖ । ଆଚ୍ଛା, ଏସବୁ କଣ ?

ଉପଗୁପ୍ତ—ସମ୍ରାଟ ! କାଚ । ସଧବାତ୍ୱର ଚିହ୍ନ । ସ୍ୱାମୀର ପ୍ରତୀକ । ସ୍ୱାମୀହରା କଳିଙ୍ଗ ରମଣୀ ତା'ର ସଧବାଚିହ୍ନ କାଚକୁ ବିସର୍ଜନ କରିଛି ।

ଅଶୋକ—ଏସବୁ କଣ ହେବ ?

ଉତ୍କଳର ସେନାପତି—ଏହାକୁ ମାଳାକରି ବିଜୟୀ ସମ୍ରାଟଙ୍କର ଗଳାରେ ଜୟମାଲ୍ୟରୂପେ ଅର୍ପଣ କରାଯାଇଥାନ୍ତା କିନ୍ତୁ କଳିଙ୍ଗ ରମଣୀର ଇଚ୍ଛାରେ ଏ ସିଦ୍ଧାନ୍ତ ପରିହାର କରାଯାଇଛି । ଉତ୍କଳର ରାଜମହିଷୀ କାରୁବାକୀଙ୍କର ନିର୍ଦ୍ଦେଶ, ସେସବୁକୁ ଧରଣୀ ଗର୍ଭରେ ପୋତି-ଦିଆଯିବ । ଏକ ଅପରାଜିତ ଜାତିର ପରାଜୟ ସଙ୍କେତ ମାଟି ମା' ସାଇତି ରଖିବ । କଳିଙ୍ଗକନ୍ୟା ବଧୂ ବେଶରେ ଜୀବନରେ ଥରେ ଅନ୍ୟର ଗଳାରେ ମାଳାଦାନ କରେ । ତା'ପରେ ଅନ୍ୟ କାହାକୁ ସେ ମାଳାଦାନ କରେନି ।

ଅଶୋକ—ସାଧୁ, ସାଧୁ ସେନାପତି । ବୋଧହୁଏ ଭୁଲ କହୁଛନ୍ତି ଆପଣ । କଳିଙ୍ଗ ଯୁଦ୍ଧର ବିଶେଷତ୍ୱ ହେଉଛି, ଏହା ଜୟ-ପରାଜୟର ସଂଜ୍ଞା ବଦଳାଇ ଦେଇଛି । ଅର୍ଥକୁ ସମ୍ପୂର୍ଣ୍ଣ ଓଲଟ ପାଲଟ କରିଦେଇଛି । ଆଚ୍ଛା, ନଦୀ କୂଳରେ ସେ ଅଗ୍ନି ଶିଖାଟା କଣ ?

ଉପଗୁପ୍ତ—ସମ୍ରାଟ ! ମୃତ ସୈନିକମାନଙ୍କୁ ସେମାନଙ୍କର ପରିବାର ବର୍ଗ ସଂଧାନ କରି ଶବସତ୍କାର କରୁଛନ୍ତି ।

ଅଶୋକ—ଭିକ୍ଷୁଶ୍ରେଷ୍ଠ ! ଆପଣ ବି ଭୁଲ କହିଲେ । ସେଠାରେ....ସେଠାରେ ଚଣ୍ଡାଶୋକର ଶବସତ୍କାର ଚାଲିଛି । ଅସତ୍ୟ, ଅନ୍ୟାୟ, ପାପାଚାରର ଏ ଶବସତ୍କାର । ହେ ଚିତାଗ୍ନି ! ଚଣ୍ଡାଶୋକର ଚଣ୍ଡତା ଭସ୍ମ କରିଦିଅ । ତା'ର ସକଳ ଅହଂକାର ଅହମିକା ଧ୍ୱଂସ ହେଉ । ଏଇ ଶୁଣନ୍ତୁ....

(ଗୀତ ଗାଇ ଗାଇ ଏକ ସନ୍ୟାସିନୀ ସେଇ ବାଟ ଦେଇ ଚାଲିଗଲେ)

Digitized by srujanika@gmail.com

ଗୀତ

ଅଶୋକ ଏ ଶୋକ କିଆଁ

କିଆଁ ତମେ ଜାଳିଲ

ଏ କଳା କଳଙ୍କ ମୁଖେ କିଆଁ

ବିଷ କୁମ୍ଭ ଢାଳିଲ !

ଯିଏ ଯେତେ ଜିଣିଥିଲେ

କିଏ ସେ ରହିଲେ ଲୁହ

କାହାକୁ ଛୁଡ଼ିଲ ସଖା !

ଜୀବନେ ମରଣ ମୋହ ॥

କୋଟିଏ ଜୀବନ ନେଇ

ଗୋଟିଏ ଯାଉନ ଦେଇ

ସେତେବେଳେ ଏତେ ବଳ ଥାଇ କିଆଁ ହାରିଲ ।

ଏ ବୀର ଓଡ଼ିଆ ଜାତି ମରିନ ମରିବ ନାହିଁ,

ଏ ମରଣ ବରି ନେଲା ମହାନ୍ ଜୀବନପାଇଁ

ଯିଏ ହେ ପରାଣଜୟୀ

ସିଏ ହେ ମରଣଜୟୀ

ଏ ରକତେ ଫୁଟୁ ସଖା ପୀରତିର କମଳ ॥

ଅଶୋକ—(ଅପଲକ ନୟନରେ ସେଇ ସନ୍ୟାସିନୀର ଗନ୍ତିପଥକୁ ଚାହିଁ ରହିଲେ, ନୟନରୁ ନିର୍ଗତ ହେଲା ଅବାରିତ ଅଶ୍ରୁଧାର । ସେ କମ୍ପିତକଣ୍ଠରେ କହିଲେ—ଆହା, ସ....ଖା ?? ହତ୍ୟାକାରୀକୁ ମଧ ଓଡ଼ିଆ ଜାତି "ସଖା" ବୋଲି ସମ୍ବୋଧନ କରିପାରେ ! ବିଚିତ୍ର ଏ ଦେଶ ! ବିଚିତ୍ର ଏହାର ସଂସ୍କାର ! ଅଶୋକ ଜନ୍ତିବାଚ୍ଛିତରେ ହାରିଯାଇଛି ସନ୍ୟାସିନୀ । ବିଜୟୀଲ୍ଲତରେ ପାପ ଆଜି ପରାଜୟ ଏତେ ଅଧିକ ! ପରାଜୟିଲ୍ଲତରେ ଏତେ ପୁଣ୍ୟ, ଏତେ ପ୍ରେମ ଭରି ରହିଛି ! ତମେ ଠିକ୍ କହିଛ "ପ୍ରେମର ଜୟ ହିଁ ପ୍ରକୃତ ଜୟ ।" ଏ ମହାମନ୍ତ୍ର ଆଜିଠାରୁ ଅଶୋକର ଜପାମାଳି ହେବ । କଳିଙ୍ଗ ଯୁଦ୍ଧ "ଅଶୋକ"କୁ "ଅଶୋକ" କରିଦେଲା, ଅଶୋକ ନାମରେ ଜୀବନ୍ୟାଶ ଦେଲା । ହେ ତଥାଗତ ବୁଦ୍ଧ ! ମୋତେ ଆଲୋକ ଦିଅ ।)

ଉପଗୁପ୍ତ— (ଉପଗୁପ୍ତ ଗାଇଲେ ଓ ଅଶୋକଙ୍କ ସହିତ ଅନ୍ୟମାନେ ତାହା ଏକ
କଣ୍ଠରେ ଉଚ୍ଚାରଣ କଲେ)

ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମ୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।"

[ଚର୍ଦ୍ଧା ଅନ୍ତରାଳରୁ ଜୟଧ୍ୱନି]

(ମଞ୍ଚ ଅନ୍ଧକାର)

● ●

Digitized by srujanika@gmail.com

ତ୍ରୟୋଦଶ ଦୃଶ୍ୟ

[ସମ୍ରାଟ ଅଶୋକଙ୍କ ପୀଠବସ୍ଥ ପରିଧାନ । ସମ୍ମୁଖରେ ଭଗବାନ ବୁଦ୍ଧଙ୍କର ପ୍ରତିଛବି । ନିକଟରେ ଥିବା ଏକ ସିନ୍ଦୂକ ଉପରେ ଖଡ୍‌ଗ-ଗୁଡ଼ିକ ରଖାଯାଇଛି । ମୁଖରେ ପ୍ରଶାନ୍ତିମାର ଗାମ୍ଭୀର୍ଯ୍ୟ । ସମ୍ମୁଖରେ କଳିଙ୍ଗର ରାଜମହିଷୀ କାରୁବାକୀ, ନିକଟରେ ଭିକ୍ଷୁଶ୍ରେଷ୍ଠ ଉପଗୁପ୍ତ ।]

ଅଶୋକ—(ନମ୍ର କଣ୍ଠରେ) କଳିଙ୍ଗ ରାଜମହିଷୀ କାରୁବାକ ! ସବୁ ବନ୍ଦୀମାନଙ୍କର ବିଚାର ସରିଯାଇଛି । କଳିଙ୍ଗର ଅକ୍ଷମଣୀୟ ଶତ୍ରୁ ନରାଧମ ଅଶୋକର ବର୍ତ୍ତମାନ ପାଳି । କଳିଙ୍ଗମାଟିରେ ତା'ର ବିଚାର କରନ୍ତୁ ।

କାରୁବାକୀ—ବିଚାର ବିଜୟୀ କରିବ ନା ବିଜିତ କରିବ ? ଆପଣଙ୍କର ଖଡ଼୍‌ଗର ଅପେକ୍ଷାରେ ଭାଗ୍ୟହରା, ଶିରହରା, ସ୍ୱାମୀହରା, ରାଜ୍ୟହରା କାରୁବାକୀ । ଶୀଘ୍ର ତା'ର ଯନ୍ତ୍ରଣାର ଅବସାନ କରନ୍ତୁ ସମ୍ରାଟ ।

ଅଶୋକ—ଯେଉଁ ଦୁରାତ୍ମା ଆପଣଙ୍କୁ ସର୍ବହରା କରିଛି ତା'ର ପ୍ରତିଶୋଧ ନିଅନ୍ତୁ । ପିପାସିତ ଖଡ୍‌ଗ ଅପେକ୍ଷା କରିଛି । ସଂହାର ପର୍ବର ପୂର୍ଣ୍ଣାହୁତି ପଡ଼ୁ ।

କାରୁବାକୀ—କଳିଙ୍ଗବିଜୟୀ ସମ୍ରାଟ ଅଶୋକଙ୍କ ଶିବିରରେ ବନ୍ଦିନୀ କାରୁବାକୀ ଅପରାଧର ବିଚାର ଅପେକ୍ଷାରେ ଛିଡ଼ା ହୋଇଛି, ତା'ର ବିଚାର ନ କରି ଏ ପ୍ରକାର ଆତ୍ମାପମାନ ଶୋଭନୀୟ ନୁହେଁ ସମ୍ରାଟ ।

ଉପଗୁପ୍ତ—ମା ! ଆତ୍ମସମ୍ବରଣ କରନ୍ତୁ । ଭଗବାନ ବୁଦ୍ଧ ସମ୍ରାଟ ଅଶୋକଙ୍କ ହୃଦୟ ପରିବର୍ତ୍ତନ କରିଛନ୍ତି । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଛନ୍ତି । ସମ୍ରାଟ ଅଶୋକ କଳିଙ୍ଗ ରାଜ୍ୟଟାକୁ ତରବାରି ଧାରରେ ଜୟ କରିଛନ୍ତି, କିନ୍ତୁ କଳିଙ୍ଗ ଏବେ ବି ଅପରାଜେୟ ।

Digitized by srujanika@gmail.com

ସେ ତା ବିଜେତାର ହୃଦୟକୁ ଜୟ କରିଛି । ଅଶୋକ ଏ ମାଟି ମା'କୁ ରକ୍ତବସ୍ତ୍ର ପିନ୍ଧାଇଛନ୍ତି । ଏହି କରୁଣାମୟୀ ଜନନୀ କିନ୍ତୁ ପ୍ରତିଶୋଧ ନ ନେଇ ତାଙ୍କୁ କୋଳକୁ ନେଇ ନିଜ ହାତରେ ତ୍ୟାଗର ପୀତବସ୍ତ୍ର ପିନ୍ଧାଇ ଦେଇଛି । ଦେଖୁଛ, ସମ୍ମୁଖରେ ଭିକ୍ଷୁରାଜ, ତ୍ୟାଗରାଜ, ଧର୍ମରାଜ ଅଶୋକଙ୍କୁ ।

କାରୁବାକୀ—କ୍ଷମା କରନ୍ତୁ ଭିକ୍ଷୁଶ୍ରେଷ୍ଠ । ଏହା ସନ୍ୟାସୀ ଉପଗୁପ୍ତଙ୍କ ଧର୍ମ ଓ ଶୀଳାସ୍ତ୍ରର ପ୍ରଭାବ । ପରମକାରୁଣିକ ତଥାଗତ ବୁଦ୍ଧଙ୍କର ଆଶୀର୍ବାଦ ଯେ ଲାଭ କରିଛନ୍ତି ସେହି କଳିଙ୍ଗବିଜୟୀ ଭାଗ୍ୟବାନ ସମ୍ରାଟ, ସମ୍ରାଟ ଥିବାପର୍ଯ୍ୟନ୍ତ ବିଚାର ନିଷ୍ପତ୍ତି କରିବେ । ଅପରାଧୀକୁ ଦଣ୍ଡଦେବା ସମ୍ରାଟଙ୍କର ଯେ କର୍ତ୍ତବ୍ୟ ।

ଅଶୋକ—ଆପଣଙ୍କର ନିଷ୍ପତ୍ତି ବିଚାର ହେବ । ଦଣ୍ଡ ନିଷ୍ପତ୍ତି ଭୋଗ କରିବାକୁ ହେବ । ଯେଉଁ ଦଣ୍ଡ ଦିଆଯିବ ନିର୍ବିବାଦରେ ତାହା ଗ୍ରହଣ କରିବାର ପ୍ରତିଶ୍ରୁତି ମିଳିବ ତ ?

ଉପଗୁପ୍ତ—(ଆଶ୍ଚର୍ଯ୍ୟରେ ଚାହିଁ ରହିଲେ ଅଶୋକଙ୍କ ମୁହଁକୁ, ତାପରେ କାରୁବାକୀଙ୍କଆଡ଼କୁ)

କାରୁବାକୀ— ବନ୍ଦିନୀର ପ୍ରତିଶ୍ରୁତି ? ନୀରବତା ହିଁ ତାର ଏକମାତ୍ର ଭାଷା ।

ଅଶୋକ—ଠିକ୍ ଅଛି ! ଭିକ୍ଷୁଶ୍ରେଷ୍ଠ ! ମୋର ବିଚାର ବିଭ୍ରାଟ ହେଲେ ଆପଣ ଦୟାକରି ଆଲୋକ ଦେବେ ।

"ବନ୍ଦିନୀ କାରୁବାକୀ ଚିରଦିନପାଇଁ ତାଙ୍କ ରାଜ୍ୟ-ଶାସନର ବନ୍ଧନ-ଭିତରେ ବନ୍ଦିନୀ ହୋଇ ରହିବେ । କଳିଙ୍ଗ ହିଁ କଳିଙ୍ଗ-ରାଜମହିଷୀ କାରୁବାକୀଙ୍କର, ଏକାନ୍ତ ଭାବରେ ତାଙ୍କର । ଏଠାରେ ଧର୍ମରାଜ୍ୟ ପ୍ରତିଷ୍ଠିତ ହେବ । ଭିକ୍ଷୁ ଅଶୋକ ସେହି ଧର୍ମରାଜ୍ୟର ହେବେ ସେବକ । ସେବାରୁ ସେ ଯେପରି ବଞ୍ଚିତ ହେବେନି । ଆପଣ ମୁକ୍ତ, ଅଶୋକ ଚିରଦିନପାଇଁ ଆପଣଙ୍କଠାରେ ବନ୍ଦୀ ।"

କାରୁବାକୀ— ହତଭାଗିନୀକୁ ମୃତ୍ୟୁଦଣ୍ଡ ନ ଦେଇ ଯାବଜ୍ଜୀବନ ମୃତ୍ୟୁଯନ୍ତ୍ରଣା ଭୋଗ କରିବାର ଏହି କଠୋର ଦଣ୍ଡ ଦେଲେ କାହିଁକି ସମ୍ରାଟ ? କଳିଙ୍ଗ ତା' ଜୀବନରେ ବହୁ ଶତ୍ରୁର ସମ୍ମୁଖୀନ ହୋଇଛି; କିନ୍ତୁ ଏପରି ଜଣେ ମହାନ୍ ଶତ୍ରୁ ତା' ଭାଗ୍ୟରେ ଏଇ ପ୍ରଥମ ଥରପାଇଁ

Digitized by srujanika@gmail.com

ପାଇଲା, ଯାହାର ଦୁର୍ଲଭ ଶବ୍ଦ ତାର ପଟାନ୍ତର ବିଶ୍ୱଇତିହାସରେ ନାହିଁ ।

ଉପଗୁପ୍ତ—ମା ! ଭଗବାନ୍ ବୁଦ୍ଧ ଆପଣଙ୍କ ହୃଦୟରେ ବିରାଜମାନ । ତାଙ୍କ ଆଶୀର୍ବାଦରେ ଆପଣଙ୍କ ଅନ୍ତର ଆଲୋକିତ । ଆପଣଙ୍କର ସିଦ୍ଧାନ୍ତରେ ଯେଉଁ ମଙ୍ଗଳ କାମନା ରହିଛି ତାହା ମଙ୍ଗଳମୟ ହେଉ ।

କାରୁବାକୀ—ଭିକ୍ଷୁଶ୍ରେଷ୍ଠ, ଆପଣଙ୍କର ଶୁଭାଶିଷ ଭିକ୍ଷା କରୁଛି । ଆପଣ ଏ ବିଶାଳ ଭୂଖଣ୍ଡରେ ଧର୍ମରାଜ୍ୟ ସଂସ୍ଥାପନାର ସହାୟକ ହୁଅନ୍ତୁ । ଧର୍ମାତ୍ମା ସମ୍ରାଟଙ୍କର ମହାନ କର୍ତ୍ତବ୍ୟ ପୂଷ୍ଟିତ ହେଉ ।

ଅଶୋକ—କେବଳ ଉତ୍କଳ ନୁହେଁ, ବିଶାଳ ମଗଧ ସାମ୍ରାଜ୍ୟର କ୍ଷମାଶୀଳା ଜନନୀ କାରୁବାକୀ ! କ୍ଷମା ଦେବାରେ ଆପଣଙ୍କ ଯୋଗ୍ୟତା ଅତୁଳନୀୟ । ଆପଣଙ୍କର ବିସ୍ମର ଆଜଠାରୁ ମୋତେ ବିସ୍ମରବନ୍ତ କରୁ । ଆପଣଙ୍କର ପ୍ରଦର୍ଶିତ ଧର୍ମମାର୍ଗ ମୋତେ ଧର୍ମାଶ୍ରୟୀ କରୁ । ଆପଣଙ୍କର ଆଦର୍ଶ, ପ୍ରେରଣା, ଶ୍ରଦ୍ଧା ରାଜଧର୍ମ ପାଳନରେ ମୋର ସହାୟକ ହେଉ ।

ଉପଗୁପ୍ତ—ସାଧୁ, ସାଧୁ ସମ୍ରାଟ । ଏ ମହାପ୍ରଳୟ ଏକ ମହାଜୀବନର ସଂଧାନ ହେଉ ।

ଅଶୋକ—ନିଶ୍ଚୟ ମହାପ୍ରଳୟ । ଏଥିରେ ଯେଉଁ ଅସୁମାର ଜୀବନପ୍ରଦୀପ ନିର୍ବାପିତ ହୋଇଗଲା, ସେମାନେ ଅନନ୍ତ ଆକାଶର ତାରକା ହୋଇ ଏ ବିଶ୍ୱକୁ ପ୍ରେମାଲୋକରେ ଉଦ୍ଭାସିତ କରନ୍ତୁ । ସେଇ ଅମ୍ଳାନ ଆଲୋକଭିତରୁ "ପ୍ରଜାପାଳନ" ଧର୍ମର ଅଭ୍ୟୁଦୟ ହେଉ ।

କାରୁବାକୀ—ହିଂସା ପ୍ରଣୋଦିତ ତରବାରୀର ଜୟ ଜୟ ନୁହେଁ—କଳିଙ୍ଗ ଯୁଦ୍ଧ ବିଶ୍ୱକୁ ଏହି ମହାମନ୍ତ୍ର ଚିରଦିନପାଇଁ ଦାନ କଲା । ବିଶ୍ୱରୁ ଯୁଦ୍ଧ-ବିଭିଷିକା ଦୂର ହେଉ । ମନୁଷ୍ୟ ଜାତି ଏକ ଏବଂ ଅଭିନ୍ନ । ମାନବ ଜୀବନ ସବୁର ଉର୍ଦ୍ଧ୍ୱରେ । ମାନବ ଦୁର୍ଲଭ ଜୀବନର ଅଧିକାରୀ । ହେ ପରମ-କାରୁଣିକ ତଥାଗତ ବୁଦ୍ଧ । ମନୁଷ୍ୟକୁ ଆଶୀର୍ବାଦ ଦିଅ । ସେ ଦିବ୍ୟ ଜୀବନର ଅଧିକାରୀ ହେଉ ।

Digitized by srujanika@gmail.com

ଉପଗୁପ୍ତ—ଧର୍ମବୀର ଅଶୋକ । ମାନବ ଇତିହାସର ଆଜି ଏକ ମଙ୍ଗଳମୟ ଅମୃତମୟ ମୁହୂର୍ତ୍ତ । ପ୍ରଳୟର ପରିଣତି ଏତେ ମଧୁର । ଧର୍ମ-ରାଜ୍ୟରେ ରାଜା ହିଁ ପ୍ରଜାମାନଙ୍କର ଯଥାର୍ଥରେ ସେବକ । ସେ ତାର ଭୋଗଥାଳ ନୈବେଦ୍ୟ ପ୍ରଜାମାନଙ୍କ ହାତକୁ ଏବଂ ତାଙ୍କ ହାତରୁ ଭିକ୍ଷାଥାଳ ନିଜ ହାତକୁ ନେଇଆସେ । ବୁଦ୍ଧଙ୍କ ଧର୍ମ ମାନବଧର୍ମ । ଅନୁଶାସନର ଧର୍ମ । ପ୍ରେମ, ଅହିଂସା ଓ ସତ୍ୟର ଧର୍ମ । ବିଶ୍ୱର ସବୁ ଧର୍ମସହିତ ଏହାର ସମତା ଅଛି । ସଂଘର୍ଷର ସୁଯୋଗ ନାହିଁ । ସବୁ ଧର୍ମକୁ କେବଳ ଗୋଟିଏ ଧର୍ମରେ ଦେଖିଲେ ତାହା ହେଉଛି ଭଗବାନ ବୁଦ୍ଧଙ୍କ ପ୍ରଦର୍ଶିତ ଧର୍ମ । ଚାଲନ୍ତୁ ବୁଦ୍ଧଙ୍କର ଶରଣାଗତ ହେବା । ଧମ୍ମର ଶରଣାଗତ ହେବା । ସଂଘର ଶରଣାଗତ ହେବା ।

[ସମସ୍ତେ ବୁଦ୍ଧମୂର୍ତ୍ତିଙ୍କୁ ପ୍ରଣାମ କଲେ ।]

(ମଞ୍ଚ ଅନ୍ଧକାର)

• • •

PRATISTHAN
ACC. NO.

Digitized by srujanika@gmail.com